- Vol.- 46, Issue No. 185
- Sunday, 04 October 2026
- ରବିବାର, ୦୪ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ନୂଆ ଅଧ୍ୟାୟ ଯୋଡ଼ି ହେଲା**

# ହକି ଓ କ୍ରିକେଟରେ ଭାରତକୁ ଦୁଇ ସ୍ୱର୍ଣ୍ଣ

■ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ■ ଏସୀୟ କ୍ରୀଡ଼ା:ଭାରତକୁ ମୋଟ ୨୧ ସ୍ୱର୍ଣ୍ଣ ପଦକ



ନୂଆଦିଲ୍ଲୀ,୩।୧୦: ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଛି ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ। ଶନିବାର ଫାଇନାଲରେ ମାଲେସିଆକୁ ୫-୧ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି ଭାରତୀୟ ପୁରୁଷ ହକି ଦଳ। ଏହା ସହ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲରେ ମ୍ୟାଚ୍‌ରେ ଗୋଲ୍ ଦେଇଥିଲେ ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା। ସେ ଖେଳର ୫୪ତମ ମିନିଟରେ ଏକ ଫିଲ୍ଡଗୋଲ୍ ଦେଇଥିଲେ। ଅଧିନାୟକ ହରମନପ୍ରୀତ ଦୁଇଟି ଗୋଲ୍ କରିଥିଲେ। ଯୁଗରାଜ ଓ ହାର୍ଦ୍ଦିକ ସିଂ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମାଲେସିଆ ପକ୍ଷରୁ ସିଲଭେରିୟସ ଶେଲୋଙ୍କ ଏକମାତ୍ର ଗୋଲ୍ କରିଛନ୍ତି। ହାପ୍ ଟାଇମ୍ ବେଳକୁ ଭାରତ ୨-୧ରେ ଆଗୁଆ ଥିବା ବେଳେ ଦ୍ୱିତୀୟ ହାପ୍‌ରେ ଆହୁରି ୩ଟି ଗୋଲ୍ ଦେବାରେ ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାରତ ଆଗରେ ଫିକା ପଡ଼ି ଯାଇଥିଲା ମାଲେସିଆ। ସୂଚନାଯୋଗ୍ୟ, ଭାରତୀୟ ହକି ଦଳରେ ଥିଲେ ୨ ଓଡ଼ିଆ- ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା। ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଭାରତୀୟ ହକି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ପ୍ରଥମ ଥର ପାଇଁ ଗୋଟିଏ ଏସିଆନ ଗେମ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ଉଭୟ ଦଳ ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ହକି ଟିମ୍ ପୂର୍ବରୁ ଏସିଆନ ଗେମ୍ସରେ ୪ ଥର ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥରକୁ ମିଶାଇ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଛି। ଅନ୍ୟପକ୍ଷରେ ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଶୁକ୍ରବାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାତେଇ ଥିଲା। ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଜାପାନ ଏସିଆନ ଗେମ୍ସରେ ଭାରତର ପଦକ ସଂଖ୍ୟା ୮୫ରେ ପହଞ୍ଚିଛି। ସେଥିମଧ୍ୟରେ ୨୧ଟି ସ୍ୱର୍ଣ୍ଣ ପଦକ ଥିବା ବେଳେ ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ରହିଛି। ଏହା ସହିତ ଭାରତର ଚଳିତ ଏସିଆନ ଗେମ୍ସ ଅଭିଯାନ ଶେଷ ହୋଇଛି। ଭାରତୀୟ ପୁରୁଷ କ୍ରିକେଟ୍‌ଦଳ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଛି। ଶନିବାର ଫାଇନାଲ୍‌ରେ ଭାରତୀୟ ପୁରୁଷ ଦଳ ୧୯ ରନ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ୍‌ରେ ଖେଳିଥିବା ଦଳକୁ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ।



### ପୁରୁଷ ହକି ଦଳ: ପ୍ରତ୍ୟେକଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ପୁରସ୍କାର

ଭୁବନେଶ୍ୱର,୩।୧୦(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଥିବା ଭାରତୀୟ ପୁରୁଷ ହକି ଦଳର ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍ ର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୫.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସ୍ମରଣୀୟ ସଫଳତା ପାଇଁ ସେମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତୀୟ ହକି ସହ ଓଡ଼ିଶାର ଦୀର୍ଘଦିନର ଗଭୀର ସମ୍ପର୍କ ରହିଛି। ଆମ ଚାମ୍ପିଅନ୍‌ମାନଙ୍କ ସହ ଓଡ଼ିଶା ଗର୍ବର ସହ ଠିଆ ହୋଇଛି ଏବଂ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତାକୁ ସମର୍ଥନ ଜାରି ରଖିବା ପାଇଁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ଓଡ଼ିଶା ଟ୍ରାଭେଲ ବଜାର ସପ୍ତମ ସଂସ୍କରଣ

# ଓଡ଼ିଶା ହେଉ ପର୍ଯ୍ୟଟକଙ୍କ ସ୍ୱର୍ଗ



- ଅତିଥିଙ୍କ ସୁରକ୍ଷା ଓ ସତ୍କାରକୁ ସର୍ବାଧିକ ପ୍ରାଥମିକତା
- ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍ ଓ ଇନଭେଷ୍ଟମେଣ୍ଟ ଇନସେନ୍‌ଟିଭ୍ ୱେବ୍ ଆପ୍ଲିକେଶନର ଶୁଭାରମ୍ଭ
- ୨୯ଟି ସ୍ଥଳୀରେ 'ଟୁରିଷ୍ଟ ପୋଲିସ', 'ଓସ୍ୱାଲି' ଜରିଆରେ ୧୦୦୦ ଲାଇଫ୍ ଗାର୍ଡ ନିଯୁକ୍ତ ହେବେ
- ଓଡ଼ିଶା ହେବ କ୍ରୀଡ଼ାର ପ୍ରମୁଖ କେନ୍ଦ୍ର: କପିଲ ଦେବ

ଭୁବନେଶ୍ୱର, ୩।୧୦: ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଶନିବାର ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ୍ ପର୍ଯ୍ୟଟନ ମହାକୁମ୍ଭକୁ ଉଦ୍‌ଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରି ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଗୁଣାତ୍ମକ ମୌଳିକ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରି ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି। ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବା ବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି।କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ୍ କହିଛନ୍ତି ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟ୍ସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡ଼ିଶା ଟୁରିଜିମ୍ ଇନଭେଷ୍ଟମେଣ୍ଟ ଇନସେନଟିଭ୍ ମ୍ୟାନେଜମେଂଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଗାମୀ 'ପୁରୀ କୋଷ୍ଟାଲ ମାରାଥନ୍' ର ଜର୍ସିକୁ ମଧ୍ୟ ଉନ୍ମୋଚନ କରିଥିଲେ। ସମାରୋହରେ ମୁଖ୍ୟ ସଚିବ ଅନୁ ଗର୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### 'ଆତଙ୍କବାଦୀ ଆକ୍ରମଣ' କରିବାକୁ ଉଦ୍ୟମ କରିଥିଲା ସହପାଇଲଟ

## ଅଲ୍‌କାଏଦା ସହ ଥିଲା ତା'ର ସଂପୃକ୍ତି !



ଦୁବାଇ/ତେଲ୍ ଆଭିଭ୍,୩।୧୦: ଇସ୍ରାଏଲ୍ ଅଭିମୁଖେ ଯାତ୍ରା କରୁଥିବା 'ଫ୍ଲାଏ-ଦୁବାଇ' ବିମାନ ଏଫଜେଡ୍ ୧୦୭୩-ର ସହ-ପାଇଲଟ୍ ଉଡ଼ାଣ ସମୟରେ ଏକ କୁରାଢ଼ି ସାହାଯ୍ୟରେ 'ଆତଙ୍କବାଦୀ ଆକ୍ରମଣ' କରିବାକୁ ଉଦ୍ୟମ କରିଥିଲା ବୋଲି ଶନିବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମୁଖ୍ୟ ସରକାରୀ ଓକିଲ କହିଛନ୍ତି। ଏହି ଘଟଣା ସମ୍ପର୍କରେ ସିଧାସଳଖ ଅବଗତ ଥିବା ଏକ ସୂତ୍ର ଏକ ଗଣମାଧ୍ୟମକୁ ଜଣାଇଛି ଯେ, ସମ୍ପୃକ୍ତ ସହ-ପାଇଲଟ୍‌ଙ୍କ ନାମ ହାମ୍ମାମ୍ ଅଲ୍-ହାମ୍ମାମି ଏବଂ ସେ ଓମାନର ନାଗରିକ ଅଟନ୍ତି। ଅଭିଯୁକ୍ତ ସହ-ପାଇଲଟ୍ ହମାମ୍ ଅଲ୍-ହମ୍ମାମି ନିଜର (ବର୍ତ୍ତମାନ ଡିଲିଟ୍ କରାଯାଇଥିବା) ସୋସିଆଲ୍ ମିଡିଆ ଆକାଉଣ୍ଟରେ ଚରମପନ୍ଥୀ ବିଷୟବସ୍ତୁ ପୋଷ୍ଟ କରିଥିଲା। ଏଥିରେ ଓସାମା ବିନ୍ ଲାଦେନ୍ ଓ ଆୟମାନ୍ ଅଲ୍‌ଜୱାହିରିଙ୍କ ସମେତ ଅଲ୍‌କାଏଦାର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ଓ ଭିଡିଓ ରହିଥିଲା ବୋଲି କୁହାଯାଇଛି।

### ବରମୁଡାରୁ ବୋଷ୍ଟନ ଯାଉଥିଲା ଏୟାର୍ ଆମ୍ବୁଲାନସ

## ମଝି ଆକାଶରୁ ରହସ୍ୟଜନକ ଭାବେ ଗାଏବ

ୱାସିଂଟନ,୩।୧୦: ରହସ୍ୟମୟ ଭାବରେ ନିଖୋଜ ହୋଇଛି ଏକ ଯାତ୍ରୀବାହୀ ଛୋଟ ବିମାନ। ଶନିବାର ବର୍ମୁଡାରୁ ବୋଷ୍ଟନ୍ ଯାଉଥିବା ସମୟରେ ଛଅ ଜଣ ଯାତ୍ରୀଙ୍କ ସହ ନିଖୋଜ ହୋଇଯାଇଥିବା ଓଣ୍ଟାରିଓ-ଭିତ୍ତିକ ଏକ ଏୟାର୍ ଆମ୍ବୁଲାନ୍ସ ବିମାନର ସନ୍ଧାନ ଚଳାଇଛି ଆମେରିକାର କୋଷ୍ଟ ଗାର୍ଡ। ଟ୍ରାକିଂ ୱେବସାଇଟ୍ 'ଫ୍ଲାଇଟ୍ ରାଡାର୨୪ ଅନୁଯାୟୀ, 'ସି-ଜିଆରଜିପି' ଟେଲ୍ ନମ୍ବର ବିଶିଷ୍ଟ ଏହି ଗଲ୍ଫଷ୍ଟ୍ରିମ୍ ଏ୧୦୦ ବିମାନଟି ହାମିଲଟନ୍-ଭିତ୍ତିକ ଏୟାର୍ ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ସଂସ୍ଥା 'ଲାଟିଚ୍ୟୁଡ୍ ଏୟାର୍ ଆମ୍ବୁଲାନ୍ସ' ନାମରେ ପଞ୍ଜୀକୃତ ହୋଇଛି। 'ଲାଟିଚ୍ୟୁଡ୍'ର ଫ୍ଲାଇଟ୍ ଅପରେସନ୍ ନିର୍ଦ୍ଦେଶକ କ୍ଲାରେନ୍ସ ଟୋଗେରେଟ୍‌ଜ୍ କହିଛନ୍ତି ଯେ, ଏଥିରେ ଦୁଇଜଣ ପାଇଲଟ୍ ଏବଂ ଦୁଇଜଣ ଚିକିତ୍ସା କର୍ମଚାରୀ ଥିଲେ - ଯେଉଁମାନେ ସମସ୍ତେ କାନାଡାର ନାଗରିକ ଅଟନ୍ତି।ଏଥିରେ ଜଣେ ରୋଗୀ ଏବଂ ତାଙ୍କର ଜଣେ ସମ୍ପର୍କୀୟ ମଧ୍ୟ ଥିଲେ।

■ ଓଡ଼ିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ

## ବଜାର-କୈନ୍ଦ୍ରିକ ପରିବେଶର ଶୁଭାରମ୍ଭ

■ ପୁଷ୍ଟିଯୁକ୍ତ ଚାଉଳ ପାଇଁ ୧୦ ହଜାର ହେକ୍ଟରରେ ହେବ ଚାଷ

ଭୁବନେଶ୍ୱର, ୩।୧୦(ନିପ୍ର): ଏକ ବଜାର-କୈନ୍ଦ୍ରିକ, ସ୍ଥାୟୀ ଏବଂ ଭବିଷ୍ୟତ-ଉପଯୋଗୀ କୃଷି ବ୍ୟବସ୍ଥା ଗଠନ ଉଦ୍ଦେଶ୍ୟରେ ଶନିବାର ଭୁବନେଶ୍ୱର ଠାରେ 'ଓଡ଼ିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗ,



ଓଆରଏମଏଏସ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥାର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ନେତୃତ୍ୱାଧୀନ ଉତ୍ପାଦକ ଗୋଷ୍ଠୀ, ପୋଷଣଯୁକ୍ତ ଚାଉଳ ପ୍ରସେସର, ଶିଳ୍ପ ପ୍ରତିନିଧି ଏବଂ ଗବେଷଣା ଅନୁଷ୍ଠାନଗୁଡ଼ିକ ଯୋଗଦେଇଥିଲେ। ଓଡ଼ିଶାର ଧାନ ଚାଷକୁ ପାରମ୍ପରିକ ପଦ୍ଧତିରୁ ଏକ ମୂଲ୍ୟ-ଆଧାରିତ, ବ୍ୟବସାୟିକ ଏବଂ କୃଷକ-କୈନ୍ଦ୍ରିକ ଅର୍ଥବ୍ୟବସ୍ଥାକୁ ରୂପାନ୍ତରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଆଇଆରଆରଆଇ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବୈଷୟିକ ଗବେଷଣା ସହାୟତାରେ, ରାଜ୍ୟ ସରକାର କମ୍ ଏଓ ଏବଂ ଅତି-କମ୍ ଏଓ ବିଶିଷ୍ଟ, ଉଚ୍ଚ ପ୍ରୋଟିନ୍ ଓ ଅଣୁ-ପୁଷ୍ଟିକର ଉପାଦାନଯୁକ୍ତ କିସମ ଏବଂ 'କଳାଜୀରା' ଆଦି ପାରମ୍ପରିକ ସୁଗନ୍ଧିତ ଚାଉଳ ପରି ପୁଷ୍ଟିସାର-ସମୃଦ୍ଧ ଫସଲ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଉନ୍ନତ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ସେବା ପାଇଁ ଏକ ଅତ୍ୟାଧୁନିକ 'ସ୍ପେଶାଲିଟି ରାଇସ୍ ଆଣ୍ଡ ମିଲେଟ୍' ସୁବିଧା ଜରିଆରେ ଏହି ଫସଲର ଚାଷ ପରିସରକୁ ବର୍ତ୍ତମାନର ୧,୨୦୦ ହେକ୍ଟରରୁ ଆଗାମୀ ୪ ରୁ ୫ ବର୍ଷ ମଧ୍ୟରେ ୧୦,୦୦୦ ହେକ୍ଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ।

### 'ନଭେମ୍ବର ସୁଦ୍ଧା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ କର'

ଭୁବନେଶ୍ୱର, ୩।୧୦: ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବର ସୁଦ୍ଧା ଶେଷ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହି ପ୍ରକ୍ରିୟା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ରାଜ୍ୟପାଳ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି ।ରାଜ୍ୟପାଳ କହିଥିଲେ ଯେ, ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଏବେ ଏକ ପ୍ରମୁଖ ଆହ୍ୱାନ। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ।

# ଦୁଷ୍କର୍ମକାରୀକୁ ଏନ୍‌କାଉଣ୍ଟର

✸ ପୋଲିସ ଗୁଳିରେ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଘାଇଲା ✸ ଅପରାଧୀ ମହଲରେ ପଶିଲା ଛନକା



ଭୁବନେଶ୍ୱର,୩।୧୦(ନି.ପ୍ର): ଘରେ ପଶି ବନ୍ଧୁକମୁନରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ପୋଲିସ ଏନ୍‌କାଉଣ୍ଟର କରିଛି। ପୋଲିସ ଗୁଳିରେ ଅଭିଯୁକ୍ତ ସନ୍ତୋଷ ଓରଫ ଶ୍ରୀଧର ପଣ୍ଡା ଗୁରୁତର ଆହତ ହୋଇଛି। ତାକୁ ପ୍ରଥମେ କ୍ୟାପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଛି। ଦୁଷ୍କର୍ମକାରୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିବା ପରେ ଅପରାଧୀଙ୍କ ମହଲରେ ଛନକା ପଶି ଯାଇଛି। ସୂଚନା ଅନୁସାରେ, ଗତ ୩୦ ତାରିଖ ରାତିରେ ନୂଆପଲ୍ଲୀ ବେହେରାସାହିରେ ଘରେ ପଶି ବନ୍ଧୁକ ମୁନରେ ଶ୍ରୀଧର ପଣ୍ଡା ଜଣେ ୨୬ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଏନେଇ ଥାନାରେ ଏତଲା ଦିଆଯିବା ପରେ କମିଶନରେଟ ପୋଲିସ ତନାଘନା ଆରମ୍ଭ କରିଥିଲା। ସ୍ପେଶାଲ ସ୍କ୍ୱାଡ ଜଣେ ସନ୍ଦିଗ୍ଧ ଅଭିଯୁକ୍ତଙ୍କ ଫଟୋ ସିସିଟିଭିରୁ ପାଇଥିଲା। ଉକ୍ତ ଫଟୋକୁ ଆଧାର କରି ସହରର ପ୍ରାୟ ୩୦୦ରୁ ଅଧିକ ସିସିଟିଭି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ପୋଲିସ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଅଭିଯୁକ୍ତ ଗଞ୍ଜାମର ଶ୍ରୀଧର ପଣ୍ଡା ଓ ସେ ମଞ୍ଚେଶ୍ୱର ଥାନା ଚକେଇସିଆଣୀ ବଜରଙ୍ଗ ବିହାରରେ ରହୁଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ପରେ ତାକୁ ଖୋଜି ଖୋଜି ପୋଲିସ ଟିମ ବଜରଙ୍ଗ ବିହାରରେ ପହଞ୍ଚିଥିଲା। ପ୍ରାୟ ଦୁଇଦିନ ଧରି ପୋଲିସ ଟିମ ସାଦାପୋଷାକରେ ବଜରଙ୍ଗ ବିହାରରେ ଘୂରି ବୁଲିବା ପରେ ଅଭିଯୁକ୍ତର ଘର ଠାବ କରିଥିଲା। ହେଲେ ସେତେବେଳକୁ ଅଭିଯୁକ୍ତ ତା' ମା'ଙ୍କୁ ନେଇ ସେଠାରୁ ଚମ୍ପଟ ମାରିସାରିଥିଲା। ହେଲେ ପୋଲିସକୁ ତା' ମୋବାଇଲ ନମ୍ବର ମିଳିଥିଲା। ପୋଲିସ ଉକ୍ତ ମୋବାଇଲକୁ ଟ୍ରାକ କରି ଅଭିଯୁକ୍ତକୁ ପିଛା କରିଥିଲା। ଅଭିଯୁକ୍ତ ଜଗତସିଂପୁରରୁ ଚନ୍ଦକା ଦେଇ ଭୁବନେଶ୍ୱର ଫେରୁଥିବା ବେଳେ ପୋଲିସ ଅନ୍ଧାରୁଆ ନିକଟରେ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ସେ ପୋଲିସକୁ ଆକ୍ରମଣ କରି ଖସି ଯିବାକୁ ଉଦ୍ୟମ କରିଥିଲା। ପରେ ପୋଲିସ ତା ଉପରକୁ ଗୁଳିମାଡ କରିଥିଲା। ଗୁଳିମାଡରେ ଅଭିଯୁକ୍ତ ଘାଇଲା ହୋଇଥିଲା। ତା' ଗୋଡରେ ଦୁଇଟି ଗୁଳି ବାଜିଥିଲା। ତେବେ ଘଟଣା ଦିନ ଅଭିଯୁକ୍ତ ବେହେରାସାହିରୁ ଚାଲି ଚାଲି ଆସି ଜାତୀୟ ରାଜପଥ ପହଞ୍ଚିବା ପରେ ମୋ ବସ୍'ରେ ଚଢ଼ି ସିଆରପି ଛକ ଆଡକୁ ଯାଇଥିଲା। ସିଆରପିରେ ଓହ୍ଲାଇ ଏକ ଅଟୋରେ ବସି ପାୱାର ହାଉସ୍ ଛକରେ ପହଞ୍ଚିଥିଲା। ତା'ପରେ ସେଠାରୁ ଏକ ବାଇକ୍ ଚୋରି କରି ଫେରାର ହୋଇଯାଇଥିଲା। ପ୍ରଥମେ ସେ ଗଞ୍ଜାମକୁ ଯାଇଥିଲା। ସେଠାରେ ଗୋଟିଏ ରାତି ରହିବା ପରେ ଜଗତସିଂହପୁରକୁ ଯାଇଥିଲା। ଆଜି ଜଗତସିଂହପୁରରୁ ଭୁବନେଶ୍ୱର ଫେରୁଥିଲା। ଏହା ଜଣାପଡିବା ପରେ ପୋଲିସ ଅଭିଯୁକ୍ତକୁ କାବୁ କରିବାକୁ ପିଛା କରିଥିଲା ପୋଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି, '୩୦ ତାରିଖ ରାତିରେ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ୪୮ ଘଣ୍ଟା ଅପରେସନ ଚାଲିଥିଲା। କେହି ଶୋଇନଥିଲେ। କିଛି ସୂଚନା କାଲି ପାଇଥିଲୁ। କିଛି ସୂଚନା ଘଟଣା ପରଦିନ ରାତିରେ ପାଇଥିଲୁ। ଆଜି ସକାଳେ ତାକୁ ଚିହ୍ନଟ କରିଥିଲୁ । ସେ ଦୁଷ୍କର୍ମ ଘଟାଇ ଆମ ବସ୍‌ରେ ଯାଇଥିଲା। ପରେ ଅଟୋରେ ଓହ୍ଲାଇ ଏକ ନୂଆ ବାଇକ ଚୋରି କରି ପଳାଇଯାଇଥିଲା। ଅଭିଯୁକ୍ତ ଜଣକ ଛୋଟ ଧରଣର ଚୋରି କରୁଥିଲା। ଘର ଖୋଲା ଥିଲେ ମୋବାଇଲ, ପର୍ସ ଆଦି ନେଇଯାଉଥିଲା । ଚୋରି ଉଦ୍ଦେଶ୍ୟରେ ପୀଡ଼ିତାଙ୍କ ଘରକୁ ଯାଇଥିଲା । ତା ଚାବିରେ ଏକ ଖେଳନା ବନ୍ଧୁକ ରହିଛି। ଚୋରି ଉଦ୍ଦେଶ୍ୟରେ ସେ ଘରେ ପଶି ଅପରାଧ ଘଟାଇଥିଲା।'

## ମା'ଙ୍କ ପୂଜାବିଧି



ଜନ୍ମାଷ୍ଟମୀ ଅବସରରେ ନଦୀରୁ ମାଟି ଉଦ୍ଧାର କରାଯାଏ, ଯାହା ଦଶହରାର ପ୍ରଥମ ବିଧି। ଏହା ପରେ କାରିଗରମାନେ ମୂର୍ତ୍ତି ଗଠନରେ ବ୍ୟସ୍ତ ରହନ୍ତି । ପବିତ୍ର ମହାଳୟା ଅବସରରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ଖଡ଼ି ଚଢାଯାଏ । ମହାଳୟାଠାରୁ ପ୍ରକୃତ ଦୁର୍ଗାପୂଜା ଆରମ୍ଭ ହୁଏ । କାରଣ ଏହି ଦିନଠାରୁ ଦୁର୍ଗାପୂଜା ମଧ୍ୟରେ ୧୦ ଦିନ ସମୟ ରହିଥାଏ, ଯାହା ପୁରାଣ ଶାସ୍ତ୍ରରେ ଦଶହରା ବୋଲି କୁହାଯାଇଛି । ପ୍ରକୃତ ପୂଜାବିଧି ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ ।

### ଶ୍ରୀକ୍ଷେତ୍ର ପୀଠାଧୀଶ୍ୱରୀ

# ମା' ବିମଳା

ସନାତନ ଧର୍ମ ଏବଂ ତନ୍ତ୍ର ଶାସ୍ତ୍ର ଅନୁଯାୟୀ, ଶ୍ରୀକ୍ଷେତ୍ର କେବଳ ପୁରୁଷୋତ୍ତମ କ୍ଷେତ୍ର ନୁହେଁ, ବରଂ ଏହା ଏକ ପବିତ୍ର ଶକ୍ତିପୀଠ ଏବଂ ଶକ୍ତି ସାଧନାର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ। ଏହି ପୀଠର ପୀଠାଧୀଶ୍ୱରୀ ଅଟନ୍ତି ସ୍ୱୟଂ ମା' ବିମଳା। ଯିଏ ଜୀବର ସମସ୍ତ ମଳ ବା କଳ୍ମଷକୁ ନାଶ କରନ୍ତି; ଏଣୁ ସେ ବିମଳା ନାମରେ ନାମିତ ହୋଇ ଏ କ୍ଷେତ୍ରରେ ପୂଜିତା ହେଉଛନ୍ତି। ଯାହାଙ୍କୁ 'କୈବଲ୍ୟ ଲୋଲୁପିନୀ' ବା ମହାପ୍ରସାଦ ପ୍ରିୟା ବୋଲି ମଧ୍ୟ କୁହାଯାଏ। ଏ ଉପରେ ଏକ ତାତ୍ତ୍ୱିକ କିମ୍ବଦନ୍ତୀ କଥା ଦେଖିବାକୁ ମିଳେ। ଦିନେ ଦେବର୍ଷି ନାରଦ ଗୋଲକ ନାଥଙ୍କ ମୁଖାରବିନ୍ଦ କୈବଲ୍ୟ ପ୍ରସାଦ ପାଇ ମହାଆନନ୍ଦରେ ନାଚି ନାଚି କୈଳାସ ପୁରକୁ ଆସିଥିଲେ । ନାରଦଙ୍କୁ ଦେଖି ମହାଦେବ ସତ୍କାର କରିବା ସହ ଆନନ୍ଦର କାରଣ ଜାଣିବା ପାଇଁ ଚାହିଁଥିଲେ। ଏଥିରେ ଖୁସି ହୋଇ ନାରଦ ମୁଖାରବିନ୍ଦ କୈବଲ୍ୟ ପ୍ରାପ୍ତିର ବୃତ୍ତାନ୍ତ ଜଣାଇଥିଲେ ଶିବଙ୍କୁ। ଏହା ଶୁଣି ଶିବ କହିଲେ, ହେ ଦେବର୍ଷି ! ମୋ' ପାଇଁ କିଛି ଆଣିଛ କି ? ହରଙ୍କର ବାଣୀ ଶୁଣି ନାରଦ ଉତ୍ତର ଦେଲେ ହେ ଭକ୍ତ ଶ୍ରେଷ୍ଠ ! ପ୍ରଭୁଙ୍କ ପାଖରୁ ଯାହା ପ୍ରାପ୍ତି ହୋଇଥିଲା ତାହା ସବୁ ଭକ୍ଷଣ କରି ଦେଇଛି। କିନ୍ତୁ କଣିକାଟିଏ ମୋର ଦକ୍ଷିଣ ହସ୍ତର ନଖ କୋଣରେ ରହିଯାଇଛି। ଏହା ଦେଖି ସଦାଶିବ ଶ୍ରୀପ୍ରସାଦକୁ ସେବନ କରିଥିଲେ ଏବଂ ଉଭୟେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଥିଲେ। ଏ ସମସ୍ତ ବିଷୟକୁ ଜାଣିବା ପରେ ମା' ଭବାନୀ ଶଙ୍କରଙ୍କୁ ବିଷ୍ଣୁଙ୍କ ମୁଖାରବିନ୍ଦ କୈବଲ୍ୟ ପାଇବା ନିମନ୍ତେ ପ୍ରାର୍ଥନା କଲେ। ତେଣୁ ଆଶୁତୋଷ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ କଥା କହିବାକୁ ଲାଗିଲେ। ଏଥିରେ ସନ୍ତୋଷ ହୋଇ ନାରାୟଣ କହିବାକୁ ଗଲେ, ହେ ଦେବୀ ! ତୁମର କାମନା ନିଶ୍ଚିତ ଭାବରେ ପୂର୍ଣ୍ଣ ହେବ। କିନ୍ତୁ ଏବେ ନୁହଁ,



କଳିଯୁଗରେ ତୁମେ ଶ୍ରୀମନ୍ଦିରେ ବିମଳା ରୂପେ ପୂଜିତା ହୋଇ ମୋର ( ଜଗନ୍ନାଥ) ନିତ୍ୟ ମହାପ୍ରସାଦ ପ୍ରାପ୍ତ କରିବ। ଏହି ବିଷୟକୁ ସୂଚାଇବାକୁ ଯାଇ ବାମଦେବ ସଂହିତାରେ ଉଲ୍ଲେଖ ରହିଛି:ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷୀତ୍ୱା ତତ୍ର କେବଳମ୍ ।

ସତ୍ୟଂଶେନ ତ୍ୱୟା ଜାତଂ ପାର୍ବତୀ ନାମ-ନାମତଃ ।।

ଅର୍ଥାତ୍:- ହେ ଦେବୀ ! ସତୀଙ୍କ ପବିତ୍ର ଅଂଶରୁ ଜନ୍ମ ଗ୍ରହଣ କରିଥିବାରୁ, ତୁମେ ଜଗତରେ 'ପାର୍ବତୀ' ନାମରେ ପ୍ରସିଦ୍ଧି ଲାଭ କରିଛ । ଏହି ପବିତ୍ର ପୀଠରେ ପୂର୍ବ ସଂକଳ୍ପ ଯୋଗୁଁ ତୁମେ ପ୍ରତିଦିନ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭକ୍ଷଣ ବା ସେବନ କରୁଛ। ତେଣୁ ଏଠାରେ ମହାଦେବୀ ବିମଳା ସର୍ବଦା ନିର୍ମାଲ୍ୟ ପାଇବା ପାଇଁ ଧ୍ୟାନରତ ଥାନ୍ତି। ଏହି ଧ୍ୟାନରତା ଦେବୀ ବିମଳାଙ୍କ ନିକଟରେ ପ୍ରତ୍ୟହ ସକାଳ, ମଧ୍ୟାହ୍ନ ଏବଂ ସାୟଂ କାଳରେ ପୂଜା ଅର୍ଚ୍ଚନା ହୋଇଥାଏ । ବର୍ଷର ସମସ୍ତ ସମୟରେ ଦେବୀଙ୍କୁ ପରମ ବୈଷ୍ଣବୀ ଭାବେ ପୂଜା କରାଯାଉ ଥିବାବେଳେ ଶରତକାଳୀନ ଦୁର୍ଗାପୂଜା କାଳରେ ମା'ଙ୍କୁ କୌଳାଚାର ତନ୍ତ୍ର ଅନୁଯାୟୀ କାଳଭୈରବୀ ରୂପେ ପୂଜା କରାଯାଏ। ଦେବୀଙ୍କ ସମସ୍ତ ଉତ୍ସବ ମଧ୍ୟରେ ଶାରଦୀୟ ଷୋଡଶ ଦିନାତ୍ମକ ରହସ୍ୟ ଦୁର୍ଗା ପୂଜା ଏବଂ ଶାକ୍ତ ଗୁଣ୍ଡିଚା ପ୍ରସିଦ୍ଧ ଅଟେ। ଏହା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ଦଶମୀ ତିଥି ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଏହି ତିଥିରେ ସପ୍ତମୀ, ଅଷ୍ଟମୀ ଓ ନବମୀର ଅର୍ଦ୍ଧରାତ୍ରୀ ସମୟରେ ମହାନିଶୀ ପୂଜା ଅନୁଷ୍ଠିତ ହୁଏ । ଯେଉଁଥିରେ ଦେବୀଙ୍କ



ପାର୍ଶ୍ୱରେ ଥିବା ନାଗକନ୍ୟା ଓ ଦେବକନ୍ୟା ତଥା ଚଉଷଠି ଯୋଗିନୀଙ୍କୁ ଛାଗବଳି ଦିଆଯାଏ । ଏ ନୀତିକୁ ଅର୍ଦ୍ଧରାତ୍ରରେ ପହୁଡ଼ ପଡ଼ିବା ପରେ କିଛି ନିର୍ବାଚିତ କୌଳିକ ବ୍ରାହ୍ମଣମାନେ ସମ୍ପାଦନା କରିଥାନ୍ତି। ଉକ୍ତ ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ବ୍ୟତୀତ ପ୍ରତ୍ୟେକ ଦିନ ବିମଳାଙ୍କୁ ଭିନ୍ନ ଭିନ୍ନ ବେଶ କରାଯାଏ । ଏହି ଷୋହଳଦିନ ପର୍ଯ୍ୟନ୍ତ ମହିଳାମାନେ ବିମଳାଦେବୀଙ୍କ ମନ୍ଦିରରେ ପ୍ରବେଶ କରନ୍ତି ନାହିଁ ।

**-ହେମନ୍ତ କୁମାର ଗନ୍ତାୟତ**
ବରିଷ୍ଠ ଦର୍ଶନ ଅଧ୍ୟାପକ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ:୯୮୬୧୩୩୪୮୬୮

# ନବମୀ ଶ୍ରାଦ୍ଧକୁ କାହିଁକି କୁହାଯାଏ 'ମାତୃ ନବମୀ'







ମହାଳୟା ଶ୍ରାଦ୍ଧ ପରିପ୍ରେକ୍ଷୀରେ ନବମୀ ଶ୍ରାଦ୍ଧ / ମାତୃ ନବମୀ ରବିବାର, ୪ ଅକ୍ଟୋବର ୨୦୨୬ରେ ହେଉଛି।
ନବମୀ ତିଥି ଆରମ୍ଭ ୪ ଅକ୍ଟୋବର, ସକାଳ ୫:୫୧
ନବମୀ ତିଥି ସମାପ୍ତ ୫ ଅକ୍ଟୋବର, ଭୋର ୩:୫୩
କୁତୁପ ମୁହୂର୍ତ୍ତ ସକାଳ ୧୧:୪୬ – ଦ୍ୱିପହର ୧୨:୩୩
ରୋହିଣୀ ମୁହୂର୍ତ୍ତ ଦ୍ୱିପହର ୧୨:୩୩ – ଦ୍ୱିପହର ୧:୨୦
ଅପରାହ୍ନ କାଳ ଦ୍ୱିପହର ୧:୨୦ – ଅପରାହ୍ନ ୩:୪୨
ଶ୍ରାଦ୍ଧ ପରମ୍ପରାରେ, ସକାଳ ସମୟ ଅପେକ୍ଷା ଅପରାହ୍ନ ସମୟକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ସମୟ ମଧ୍ୟରେ 'କୁତୁପ' ଏବଂ 'ରୋହିଣୀ' ମୁହୂର୍ତ୍ତକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଏହି ସମୟସୀମା ନୂଆଦିଲ୍ଲୀ ପାଇଁ ଧାର୍ଯ୍ୟ କରାଯାଇଛି; ଅନ୍ୟ ସ୍ଥାନରେ ଥିବା ଶ୍ରଦ୍ଧାଳୁମାନେ ନିଜ ଅଞ୍ଚଳର ପଞ୍ଜାଙ୍ଗ ଅନୁସାରେ ସମୟ ନିର୍ଦ୍ଧାରଣ କରିବା ଉଚିତ।

ନବମୀ ଶ୍ରାଦ୍ଧକୁ କାହିଁକି 'ମାତୃ ନବମୀ' କୁହାଯାଏ ?

ପିତୃପକ୍ଷର ମୂଳ ନିୟମ ହେଉଛି 'ତିଥି ଶ୍ରାଦ୍ଧ': ଅର୍ଥାତ୍ ପୂର୍ବପୁରୁଷଙ୍କ ଦେହାନ୍ତ ହୋଇଥିବା ଚାନ୍ଦ୍ରମାସର ତିଥି ଅନୁସାରେ ତାଙ୍କୁ ସ୍ମରଣ କରାଯାଏ। ତେଣୁ, ଯେଉଁ ପରିବାର ସଦସ୍ୟମାନଙ୍କର ଦେହାନ୍ତ ଶୁକ୍ଳ ପକ୍ଷ କିମ୍ବା କୃଷ୍ଣ ପକ୍ଷର ନବମୀ ତିଥିରେ ହୋଇଥିଲା, ସେମାନଙ୍କ ପାଇଁ ନବମୀ ଶ୍ରାଦ୍ଧ ଉପଯୁକ୍ତ ଅଟେ।

ନବମୀକୁ 'ମାତୃ ନବମୀ' ମଧ୍ୟ କୁହାଯାଏ କାରଣ ଅନେକ ପରିବାର ଏହି ଦିନରେ ଦିବଂଗତ ମାତା, ଜେଠେଇ/ଖୁଡ଼ୀ/ ମାଉସୀ , ଭଉଣୀ ଏବଂ ଅନ୍ୟାନ୍ୟ ମହିଳା ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇଥାନ୍ତି।

ମୂଳତଃ, ମାତୃ ନବମୀ ହେଉଛି ବିନମ୍ରତାର ସହ ମାତୃତ୍ୱର ଯତ୍ନ ଓ ସ୍ନେହକୁ ସ୍ମରଣ କରିବାର ଏକ ଅବସର। ଏଥିରେ ଦିଆଯାଉଥିବା ଅର୍ଘ୍ୟ କୌଣସି ବ୍ୟବସାୟିକ କାରବାର କିମ୍ବା ଭୌତିକ ଲାଭର ଗ୍ୟାରେଣ୍ଟି ନୁହେଁ। ଏହା ହେଉଛି ଶ୍ରାଦ୍ଧର ଏକ କାର୍ଯ୍ୟ—ଅର୍ଥାତ୍ ପରିବାରରେ ଶ୍ରାଦ୍ଧ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ପାରମ୍ପାରିକ ପଦ୍ଧତି ରହିଛି, ତେବେ ସେହି ପ୍ରଥାକୁ ବଜାୟ ରଖନ୍ତୁ।

ଶ୍ରଦ୍ଧାପୂର୍ଣ୍ଣ ସଂକଳ୍ପ ନିଅନ୍ତୁ

ଦିବଂଗତ ପୂର୍ବପୁରୁଷଙ୍କ ନାମ ଏବଂ ଗୋତ୍ର (ଯଦି ଜଣାଥାଏ) ସ୍ମରଣ କରନ୍ତୁ। ପିତୃପକ୍ଷର ନବମୀ ତିଥିରେ କୃତଜ୍ଞତା ସହକାରେ ଏହି ଅର୍ଘ୍ୟ ପ୍ରଦାନ କରାଯାଉଛି ବୋଲି ଘୋଷଣା କରନ୍ତୁ। ଯଦି ଗୋତ୍ର କିମ୍ବା ସଠିକ୍ ବିବରଣୀ ଜଣା ନଥାଏ, ତେବେ ଜଣେ ପୁରୋହିତଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ସାଧାରଣ ସଂକଳ୍ପ ଗ୍ରହଣ କରାଯାଇପାରିବ।

ତର୍ପଣ ଅର୍ପଣ କରନ୍ତୁ

ଏକ ପରିଷ୍କାର ପାତ୍ରରେ ଜଳ ନିଅନ୍ତୁ ଏବଂ ପାରିବାରିକ ପରମ୍ପରା ଅନୁଯାୟୀ କଳା ତିଳ ମିଶାନ୍ତୁ। ଆବଶ୍ୟକ ସ୍ଥଳେ କୁଶ ଘାସ ବ୍ୟବହାର କରାଯାଇପାରିବ। ପାରିବାରିକ ପୁରୋହିତଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦିଗ ଆଡ଼କୁ ମୁହଁ କରି, ପୂର୍ବପୁରୁଷଙ୍କୁ ସ୍ମରଣ କରି ଧୀରେ ଧୀରେ ଜଳ ଅର୍ପଣ କରନ୍ତୁ। ଅଜଣା ମନ୍ତ୍ର ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତୁ ନାହିଁ; ଆନ୍ତରିକ ସ୍ମରଣ ଏବଂ ସଠିକ୍ ପରାମର୍ଶ ଅନୁଯାୟୀ କରାଯାଇଥିବା ବିଧି ଅଧିକ ଶ୍ରେୟସ୍କର ଅଟେ।

ପିଣ୍ଡ କିମ୍ବା ସରଳ ଖାଦ୍ୟ ଭୋଗ ପ୍ରସ୍ତୁତ କରନ୍ତୁ

ଯେଉଁଠାରେ ପିଣ୍ଡଦାନ ପାରିବାରିକ ପରମ୍ପରାର ଅଂଶବିଶେଷ, ସେଠାରେ ଉପଯୁକ୍ତ ମାର୍ଗଦର୍ଶନରେ ବତୁରା ଚାଉଳ ଓ ତିଳରୁ ପିଣ୍ଡ ପ୍ରସ୍ତୁତ କରାଯାଇପାରିବ। ଅନ୍ୟ ପରିବାରଗୁଡ଼ିକ ଦିବଂଗତ ମାତା କିମ୍ବା ପିତାମହୀଙ୍କ ପସନ୍ଦର ସରଳ ସାତ୍ତ୍ୱିକ ଭୋଜନ ପ୍ରସ୍ତୁତ କରିଥାନ୍ତି। ଯଦି ପରିବାରର ନିୟମ ରହିଛି, ତେବେ ପିଆଜ, ରସୁଣ, ନିଶାଦ୍ରବ୍ୟ ଏବଂ ଆମିଷ ଭୋଜନ ବର୍ଜନ କରନ୍ତୁ।

ବିନମ୍ରତାର ସହ ଭୋଜନ କରାନ୍ତୁ ଓ ଦାନ କରନ୍ତୁ

ସ୍ଥାନୀୟ ପ୍ରଥା ଏବଂ ବାସ୍ତବ ପରିସ୍ଥିତି ଉପରେ ନିର୍ଭର କରି ଅନେକ ପରିବାର ଯୋଗ୍ୟ ବ୍ରାହ୍ମଣ, ଗୋମାତା, କାଉ କିମ୍ବା ଅସହାୟ ବ୍ୟକ୍ତିଙ୍କୁ ଭୋଜନ କରାଇଥାନ୍ତି। ଦାନ ମଧ୍ୟରେ ଖାଦ୍ୟ, ବସ୍ତ୍ର କିମ୍ବା ଘରୋଇ ବ୍ୟବହାରଯୋଗ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ହୋଇପାରେ। ଏଥିରେ ଶ୍ରଦ୍ଧାଭାବ ରହିବା ଉଚିତ ଏବଂ ନିଜ ସାମର୍ଥ୍ୟ ଅନୁଯାୟୀ ଦାନ କରିବା ଉଚିତ।

# ଶ୍ରୀକ୍ଷେତ୍ରରେ ଷୋଳ ପୂଜା ଆରମ୍ଭ



ଶାରଦୀୟ ଦୁର୍ଗାପୂଜା ପାଇଁ ଅଷ୍ଟମୀରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଷୋଳପୂଜା । ଶ୍ରୀମନ୍ଦିରରେ ଥିବା ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମାଆ ବିମଳାଙ୍କ ସମେତ ସମସ୍ତ ଶକ୍ତି ପୀଠରେ ଏହି ଷୋଳପୂଜା ପାଇଁ ଶ୍ରୀନହରରେ ଆଚାର୍ଯ୍ୟବରଣ କରାଯାଇଛି। ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ରାଜଗୁରୁ ଶ୍ରୋତ୍ରୀୟ ବ୍ରାହ୍ମଣ, ମୁକ୍ତିମଣ୍ଡପ ବ୍ରାହ୍ମଣ ଓ ଶାସନ ବ୍ରାହ୍ମଣଙ୍କୁ ଡ଼ାକି ବରଣ କରିବା ସହ ବସ୍ତ୍ର ଦାନ କରି ବିଭିନ୍ନ ପୀଠରେ ନିଯୁକ୍ତି କରିଛନ୍ତି। ଏହି ଆଚାର୍ଯ୍ୟମାନେ ଆଜିଠାରୁ ଷୋଳପୂଜାର ବିଧି ଅନୁଯାୟୀ ପୁରୀରେ ଥିବା ଶକ୍ତପୀଠ ଗୁଡ଼ିକରେ ଚଣ୍ଡପାଠ, ଦୁଗା ଆରାଧନା କରିବେ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ଏହି ପୂଜାର୍ଚ୍ଚନା କରାଯିବ। ସେପଟେ ଶ୍ରୀକ୍ଷେତ୍ରର କ୍ଷେତ୍ରାଶ୍ୱରୀ ଭାବେ ମା ବିମଳାଙ୍କ ପୀଠରେ ଷୋଡ଼ଶ ପୂଜାବିଧି ଆରମ୍ଭ ହୋଇଛି ଏହି ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା। ଶ୍ରୀମନ୍ଦିର ପରିସରରେ ଥିବା ମା' ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ ପୀଠ ସହ ଶ୍ରୀକ୍ଷେତ୍ର ମଧ୍ୟରେ ଥିବା ବିଭିନ୍ନ ଶକ୍ତିପୀଠ ଯଥା ଦକ୍ଷିଣକାଳୀ,ମା ଚର୍ଚ୍ଚିକା,ମରିଚେଇ ଠାକୁରାଣୀ, ଅଲାମଚଣ୍ଡୀ ଓ ପଞ୍ଚମୁଖୀ ପୀଠରେ ମଧ୍ୟ ଷୋଳପୂଜା ଆରମ୍ଭ ହୋଇଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳଧୂପ ବଢ଼ିବା ପରେ ଭଣ୍ଡାର ଘରୁ ମା ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ରତ୍ନସିଂହାସନରେ ବିଜେ ହୋଇଥିଲେ । ପରେ ମା ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ ମାଜଣା ମଣ୍ଡପରେ ଠାକୁରାଣୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥିଲା । ସେପଟେ ଶାରଦୀୟ ଦୁର୍ଗାପୂଜା ଅବସରରେ ସର୍ବତ୍ର ମାଆ ଦୁର୍ଗାଙ୍କ ପୂଜା ଚାଲୁଥିବା ବେଳେ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଏକତ୍ର ଉପାସନାର ପରମ୍ପରା ରହିଛି। ଶ୍ରୀମନ୍ଦିରରେ ଆଜିଠାରୁ ଶାକ୍ତ ଓ ଶକ୍ତିଙ୍କ ଉପାସନା ସ୍ୱରୂପ ଦୁର୍ଗାମାଧବଙ୍କୁ ପୂଜାର୍ଚ୍ଚନା କରାଯାଉଛି । ଶାରଦୀୟ ପୂଜାପାଇଁ ଶ୍ରୀକ୍ଷେତ୍ରରେ ପୂଜାବିଧି ଆରମ୍ଭ ହୋଇଥିବା ବେଳେ ଶ୍ରୀମନ୍ଦିରରେ ବିଶେଷ କରି ଏହି ସମୟରେ ଦୁର୍ଗାମାଧବ ଉପାସନା ସହ ଗୁପ୍ତ ଗୁଣ୍ଡିଚାର ବିଧି ମଧ୍ୟ ଆରମ୍ଭ କରାଯାଇଛି ।

**- ବିଜୟ ପଟ୍ଟନାୟକ,ପୁରୀ**

# ଶକ୍ତିପୀଠରେ ମା' କନକଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜାରମ୍ଭ



ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳର ସମସ୍ତ ଶକ୍ତି ପୀଠରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା । ସମ୍ପୂର୍ଣ୍ଣ ରୀତିନୀତିର ସହ ମାଁଙ୍କର ଷୋଡଶ ଉପଚାରରେ ପୂଜା କରାଯାଉଥିବା ବେଳେ ପ୍ରତିଦିନ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ମା' । ଅନ୍ୟ ପୀଠ ଭଳି ହିଞ୍ଜିଳିର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ପୀଠରେ ମାଆଙ୍କର ଷୋଡଷ ଉପଚାର ପୂଜା ଶନିବାର ମୂଳାଷ୍ଟମୀ ଦିନଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଦେବୀପୀଠ ଗୁଡିକ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ରଙ୍ଗୀନ ଆଲୁଅରେ ଝଲସି ଉଠୁଛି। ଦଶହରା ପର୍ଯ୍ୟନ୍ତ ମାଆ କନକ ଦୁର୍ଗା ଙ୍କ ୧୬ଟି ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ । ମୂଳାଷ୍ଟମୀରୁ ମାଆଙ୍କର ପୂଜା ଓ ବେଶ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ମାଆ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ବିଶ୍ୱାସ ରହିଛି ମାଙ୍କୁ ଷୋଡଷ ପୂଜା ସମୟରେ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ। ପ୍ରତ୍ୟହ ସୂର୍ଯ୍ୟପୂଜା, ସାଲା ପୂଜା, ଘଟପୂଜା, ଗ୍ରହଣ ମଣ୍ଡଳ ପୂଜା, ନୈବେଦ୍ୟ ସଂସ୍କାର, ଷୋଡଷ ଉପଚାର ପୂଜା, ବିଲ୍ଲୋପତ୍ର ଅର୍ଚ୍ଚନ, ହମୋଯଜ୍ଞ ଓ ଚଣ୍ଡିପାଠ ମଧ୍ୟରେ ଏହି ଷୋଡ଼ଶ ପୂଜା ଚାଲୁ ରହିଛି । ମନ୍ଦିର ପରିଚାଳନା କମିଟି ଓ ପୂଜକ ମୁନି ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜାର୍ଚ୍ଚନା ଚାଲିଛି। ସେହିଭଳି ବୁରୁପଡା ଶ୍ୟାମଳାଇ ମନ୍ଦିର, ହିଞ୍ଜିଳି ଦଣ୍ଡକାଳି ମନ୍ଦିର, ପାବନ ଶ୍ରୀକ୍ଷେତ୍ର ସ୍ଥିତ ମା' ବିମଳା, ବାରାହୀ ପାହାଡ ସ୍ଥିବ ବୈଷ୍ଣବଦେବୀ ମା କନକଦୁର୍ଗା, ସ୍ଥାନୀୟ ଖରିଡା ସ୍ଥିତ ମାଁ କରେଇଶୁଣୀ ସମେତ ବ୍ଲକର ବିଭିନ୍ନ ଦେବୀପୀଠରେ ଷୋଡ଼ଶ ଉପଚାର ସହ ନବରାତ୍ର ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ପ୍ରତ୍ୟହ ସନ୍ଧ୍ୟାରେ ଦେବୀପୀଠ ଗୁଡ଼ିକରେ ଆୟୋଜିତ ସାନ୍ଧ୍ୟ ଆଳତି ଦର୍ଶନ ସକାଶେ ସହସ୍ରାଧିକ ମହିଳା ଓ ପୁରୁଷ ଭକ୍ତଙ୍କ ଅସମ୍ଭବ ଭିଡ ପରିଲିକ୍ଷିତ ହେଉଛି। ଭକ୍ତଙ୍କ ଅସମ୍ଭବ ଭିଡକୁ ଆଖି ଆଗରେ ରଖି ମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

**-ରାଜେଶ ସୁବୁଦ୍ଧି, ହିଞ୍ଜିଳିକାଟୁ**

### ମା' ମଙ୍ଗଳା ପୀଠରେ ସହସ୍ର କୁମ୍ଭାଭିଷେକ ନୀତି ଶେଷ

# ଷୋଡ଼ଶ ଉପଚାର ପୂଜା ଆରମ୍ଭ



ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ପବିତ୍ର ମୂଳାଷ୍ଟମୀ ତିଥିରୁ ଆରମ୍ଭ ହୋଇଛି ଷୋଡ଼ଶ ଉପଚାର ପୂଜା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମୂଳାଷ୍ଟମୀ ତିଥିରେ ମା ଙ୍କର ଶହସ୍ର କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା । ଦିବା ୨ ଘଟିକା ପରଠାରୁ ଦେବୀ ଉତ୍ଥାପନ ପରେ ମା'ଙ୍କର ଉଲାଗି କରାଯାଇ ମହାସ୍ନାନ କରାଯାଇଥିଲା। ପୂଜାପଣ୍ଡା ସେବକମାନେ ବାମ୍ଫି ଜଳରେ ବିଭିନ୍ନ ସୁବାସିତ ଦ୍ରବ୍ୟ ଯଥା ଅଗରୁ, ଚନ୍ଦନ, ଜାଇଫଳ, ଖିର, ଶ୍ରୀ କର୍ପୁର, ମହୁ, ଚୁଆ ଆଦି ଦ୍ରବ୍ୟ ମିଶ୍ରଣ କରି ୧୦୮ କଳସ ଜଳରେ କୁଳପୁରୋହିତଙ୍କ ମନ୍ତ୍ର ଧ୍ୱନିରେ ମହାସ୍ନାନ କରାଯାଇଥିଲା । ଏହି ସ୍ନାନ ବର୍ଷକୁ ଥରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଘଣ୍ଟ, ଘଣ୍ଟା, ମାଦଳ, ତୁରୀ, କାହାଳି ଆଦି ପାରମ୍ପରିକ ବାଦ୍ୟ ବଜାଯାଇ ପହୁଡ଼ ଖୋଲାଯାଇଥିଲା । ପାରମ୍ପରିକ ପ୍ରଥା ଅନୁଯାଇ ଘଟ ସ୍ଥାପନ, ସିଂହ ପୂଜା, ଦ୍ୱାରପାଳ ପୂଜା ଓ ସୂର୍ଯ୍ୟପୂଜା ଆଦି ନୀତି ସମାପନ ପରେ ବଲ୍ଲବ ଧୂପ କରାଯାଇଥିଲା, ଷୋଡଶ ଉପଚାର ପୂଜା ପଣ୍ଡା ସଞ୍ଜୟ କୁମାର ଦୀକ୍ଷିତ କାର୍ଯ୍ୟ ନିର୍ବାହ କରିଥିବା ବେଳେ ମନ୍ଦିର ପୁରୋହିତ ଭାବେ ସୁରେଶ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟ କରିଥିଲେ । ଆଜିଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଆହୋରାତ୍ର ପହୁଡ଼ ଖୋଲାଯିବା ସହିତ ସାହାଣ ମେଳା କରାଯାଇଥାଏ । ଆଜିଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା ଦୁର୍ଗାଙ୍କୁ ଆମିଷ ଭୋଗ ଲାଗି କରାଯାଇଥାଏ । ଷୋଡଶ ଉପଚାର ପୂଜାପାଇଁ ମନ୍ଦିର ବାହାର ଓ ଭିତର ବେଢାକୁ ଫୁଲରେ ସୁସଜ୍ଜିତ କରାଯିବା ସହିତ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି, ପୋଲିସ ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୱବସ୍ଥା ମଧ୍ୟ ଗ୍ରହଣ କରାଯାଇଥିବା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ କହିଛନ୍ତି । **- ତୁଷାର ଦୀକ୍ଷିତ, କାକଟପୁର**

# ଦିନଲିପି



## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବଡ଼ଚଣା,(ନିପ୍ର): ଗାନ୍ଧୀ ଜୟନ୍ତୀ ଅବସରରେ ବଡ଼ଚଣା ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଏକ ବିଶାଳ ପଦଯାତ୍ରା ବରିଷ୍ଠ ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ଆଗାମୀ ଏକ ମାସ ଧରି ବଡ଼ଚଣା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ନିରନ୍ତର ଭାବେ ଚାଲିବ। ଏହା ଜରିଆରେ ବିଜେଡ଼ି କର୍ମୀମାନେ




ପ୍ରତ୍ୟେକ ଗାଁ ଓ ପଞ୍ଚାୟତକୁ ଯାଇ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହେବେ।

## 'ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଓ ବଳିଦାନ ଦେଶ ମନେ ରଖିବ'

କଟକ,(ନିପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ନବଯୁଗ ପ୍ରେସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଇସ୍କଫ୍ ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ ଅଧ୍ୟକ୍ଷତା କରି ସାମ୍ପ୍ରଦାୟିକ ସଦଭାବନା, ଶାନ୍ତି ଓ ଜାତୀୟ ସଂହତି ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା କିଶୋର ଜେନା ବିଶ୍ୱରେ ମଣିଷ ହିଂସା ମନୋବୃତ୍ତି ପରିହାର କଲେ ଶାନ୍ତି ପ୍ରତିଷ୍ଠା ହେବ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟ କାରିଣୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି ଗାନ୍ଧୀ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀ ପଥ ଅନୁସରଣ କରିବାକୁ କହିଥିଲେ।

## ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ

ଝାରସୁଗୁଡ଼ା,(ନିପ୍ର): ସ୍ୱଚ୍ଛ ଗ୍ରାମ ଗଠନରେ ନିରନ୍ତର ଭାବେ ନିୟୋଜିତ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୁରୁବାର ଜିଲାର ୫ଟି ବ୍ଲକ୍‌ରେ ସଫେଇ ମିତ୍ରଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।ଜିଲା ପରିଷଦ ଓ ସମ୍ପୃକ୍ତ ପଞ୍ଚାୟତ ସମିତିଗୁଡ଼ିକର ମିଳିତ ଉଦ୍ୟମରେ ଝାରସୁଗୁଡ଼ା, କିର୍ମିରା, କୋଲାବିରା, ଲଇକେରା ଓ ଲଖନପୁର ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଶିବିରରେ କର୍ମୀମାନଙ୍କ ରକ୍ତଚାପ, ମଧୁମେହ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର



ପରୀକ୍ଷା କରାଯାଇଥିଲା। ସଫେଇ ମିତ୍ରଙ୍କ ପାଇଁ ଉପଲବ୍ଧ ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନାଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା।

ଯେଉଁ ସଫେଇ ମିତ୍ରମାନେ ଏପର୍ଯ୍ୟନ୍ତ ଏହି ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ତୁରନ୍ତ ଚିହ୍ନଟ କରି ପଞ୍ଜୀକରଣ କରାଇବା ସହ ସରକାରୀ କଲ୍ୟାଣକାରୀ ସୁବିଧା ଯୋଗାଇଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

## ଗଠନ ମୂଳକ କାର୍ଯ୍ୟ ପାଇଁ ପରାମର୍ଶ

ନିମାପଡ଼ା, (ନି.ପ୍ର.): ବୟସ୍କମାନେ ଅଭିଜ୍ଞ। ଅଭିଜ୍ଞତାକୁ ଗ୍ରାମର କଲ୍ୟାଣ ନିମନ୍ତେ ବିନିଯୋଗ କଲେ ସମସ୍ତଙ୍କର ମଙ୍ଗଳ ହେବ ବୋଲି ନିମାପଡ଼ା ପଂଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ପଂଚାୟତ ସମ୍ମିଳନୀ ଗୃହରେ ଆୟୋଜିତ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରୀ ଯୋଜନାର ରୂପରେଖ ସଂପର୍କରେ ସୂଚନା ଦେଇ ନାଗରିକମାନେ ଯୋଜନାର ସୁବିଧା ନେବା ପାଇଁ ଅନୁରୋଧ କରିଥିଲେ। ନିମାପଡ଼ା ବରିଷ୍ଠ ନାଗରିକ ମଂଚ ଉପ-ସଭାପତି ସୁରେନ୍ଦ୍ର ସାହୁ, ସଂପାଦକ ଦୀନବନ୍ଧୁ ମଲ୍ଲିକ୍, ଯୁଗ୍ମ ସଂପାଦକ ସୁବାଷ ଚନ୍ଦ୍ର ନାୟକ, ଖେଲାର ଶାଖା ସଭାପତି ନରେନ୍ଦ୍ର ମୋହନ ପରିଡ଼ା, ସଂପାଦକ ରବି ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଶାଖା ସଂପର୍କରେ ସୂଚନା ଦେଇଥିଲେ।

## ଭିତିଭୂମି, ଦକ୍ଷତା ଉପରେ ଗୁରୁତ୍ୱ

ନିମାପଡ଼ା, (ନି.ପ୍ର.): ନିମାପଡ଼ାସ୍ଥିତ ସରକାରୀ ବାଳକ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଭିତିଭୂମିରେ ଉନ୍ନତି, ଶିକ୍ଷାଦାନରେ ନୂତନ ପଦ୍ଧତି ଆପଣାଇବା ସହ ଅଭିଜ୍ଞ ଓ ଦକ୍ଷ ଶିକ୍ଷକ ନିଯୁକ୍ତି ଉପରେ ଶିକ୍ଷା ବିଭାଗ ପଦସ୍ଥ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଦୀପ୍ତିରାଣୀ ସାହୁ, ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋପ ବ୍ଲକ୍ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ ପ୍ରମୁଖ ବିଦ୍ୟାଳୟର ପ୍ରତି ଶ୍ରେଣୀଗୃହ, ବିଜ୍ଞାନାଗାର, ପାଠାଗାର, ଖେଳ ପଡ଼ିଆ ଆଦି ବୁଲି ଦେଖିଥିଲେ। କମ୍ପ୍ୟୁଟର ଲାବ୍, ଇନ୍‌ଫର୍ମେସନ୍ ଟେକ୍ନୋଲୋଜି, ଖେଳ ଉପକରଣ ମିଳିବା, ବିଦ୍ୟାଳୟ ବ୍ୟାଣ୍ଡ ପାର୍ଟି, ପିଏମ୍‌ଶ୍ରୀ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ରେକର୍ଡ଼ ପତ୍ର ତନଖି କରି ଆବଶ୍ୟକ ମୁତାବକ ପରାମର୍ଶ ମାନ ଦେଇଥିଲେ।

## ବିପଦସଂକୁଳ ଅବସ୍ଥାରେ କୋଠସାହି ବାତ୍ୟା ଆଶ୍ରୟସ୍ଥଳୀ

ପିପିଲି,(ନିପ୍ର); ପିପିଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କୋଠସାହି ପିଏମଶ୍ରୀ ଉଚ୍ଚ ନୋଡାଲ ହାଇସ୍କୁଲ କୋଠସାହି ପରିସର ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଏହା କେଉଁ ସମୟରେ ଭୁଶୁଡ଼ି ପଡ଼ିବ ତାହାକୁ ନେଇ ହେଉଛି ଜୋରଦାର ଚର୍ଚ୍ଚା ଚାଲିଛି। ବାତ୍ୟା ଆଶ୍ରୟ ସ୍ଥଳୀ ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ଏହାର ଭାଙ୍ଗିବା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତ୍ୟେକ ମାସଶେଷରେ ପିପିଲି ବ୍ଲକ ଶିକ୍ଷାଧିକାରୀ, ପୁରୀଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ପିପିଲି ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇ ଆସୁ ଥିବା ବେଳେ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ସହିତ ପିପିଲି ବିଡ଼ିଓ କୌଣସି ନିର୍ଦ୍ଦେଶନାମା ଦେଉ ନଥିବା ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ଆଉ ମଧ୍ୟ କହିଛନ୍ତି ଯେଉଁ ପର୍ଯ୍ୟନ୍ତ ଉଭୟ ଶିକ୍ଷାଧିକାରୀ ଭଗ୍ନ ପାଇଁ ନିର୍ଦ୍ଦେଶ ଦେଇ ନ ଥିବେ ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ଭଗ୍ନ ପତ୍ର ବିଦ୍ୟାଳୟ ତରଫରୁ ପଠାଯିବ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏହି ବୟାନ ଏକ ପ୍ରକାର ଶିକ୍ଷା ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଅଛି। ସୂଚନା ଅନୁଯାୟୀ ୧୯୯୯ ମସିହା ପ୍ରଳୟଙ୍କାରୀ ମହା ବାତ୍ୟା ଓଡ଼ିଶାରେ ତାଣ୍ଡବ ରଚିବା ସହ ବହୁତ ଧନ ଜୀବନ କ୍ଷୟକ୍ଷତି ହୋଇଥିଲା। ଏନେଇ ଜନସାଧାରଣଙ୍କ ନିଜର ଧନ ଜୀବନ ବଞ୍ଚାଇବା ଓ ସୁରକ୍ଷା କ୍ଷେତ୍ରରେ ସେ ସମୟରେ ଏକ ମାତ୍ର ବାତ୍ୟା ଆଶ୍ରୟ ସ୍ଥଳୀ ବିଦ୍ୟାଳୟ ପରିସର ମଧ୍ୟରେ ନିର୍ମାଣ କରାଯାଇ ଥିଲା। ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ପ୍ରାୟ ଏକ କୋଟି ପାଖା ପାଖି ଟଙ୍କା ବ୍ୟୟବରାଦ ହୋଇଥିବା



ଚର୍ଚ୍ଚା ହେଉଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସେହି ବାତ୍ୟା ଆଶ୍ରୟ ସ୍ଥଳୀରେ ପାଠ ଅଧ୍ୟୟନ କରୁଥିଲେ। ଏହାର ଏକ ବର୍ଷ ମଧ୍ୟରେ ନିର୍ମାଣାଧୀନ ଛାତରୁ ପ୍ଲାଷ୍ଟର ଖସିବା ଯୋଗୁ ଛାତ୍ରଛାତ୍ରୀ ମାନେ ଅସୁରକ୍ଷିତ ହେବା ଜାଣି ପାଠ ଅଧ୍ୟୟନ ହୋଇ ନଥିଲା। ସେବେ ଠାରୁ ବିପଦ ସଂକୁଳ ଅବସ୍ଥାରେ ରହିଛି। ବାତ୍ୟା ଆଶ୍ରୟସ୍ଥଳୀ ଥିବା ବେଳେ ଗ୍ରାମ ଉନ୍ନୟନ ବିଭାଗ ତରଫରୁ କୌଣସି ମରାମତି କିମ୍ବା ରକ୍ଷଣାବେକ୍ଷଣ ନ ହେବା ଦ୍ୱାରା ଅତିକ୍ରମ କରି ଥିବା ବାତ୍ୟା ଫାଇଲିନ, ହୁଡୁ ହୁଡ୍, ଫନି ଭଳି ଅନେକ ବାତ୍ୟା ସମୟରେ ଜନସାଧାରଣଙ୍କ କାର୍ଯ୍ୟରେ ଆସି ନଥିଲା। ଜରାଜୀର୍ଣ୍ଣ କୋଠା ଉପରେ ବିରାଟ ବିରାଟ ବରଗଛ ଉଠି ରହିଛି। ଏନେଇ ଆଜକୁ ଦୀର୍ଘ ୧୦/୧୫ ବର୍ଷ ଗତେ ବିଦ୍ୟାଳୟ ତରଫରୁ ଏହା ଭଙ୍ଗା ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜଣାଇ ଥିବା ବେଳେ ତାହା କୌଣସି କାର୍ଯ୍ୟକାରୀ ହୋଇ ନଥିଲା। ଉଚ୍ଚକର୍ତ୍ତୃପକ୍ଷରେ ବିଦ୍ୟାଳୟ ଖେଳ ପଡିଆ ପାର୍ଶ୍ୱରେ ବାତ୍ୟା ଆଶ୍ରୟ ସ୍ଥଳୀ ଥିବାରୁ କୋମଳ ମତି ଶିଶୁ ମାନେ ଖେଳକୁଦ କରୁଛନ୍ତି।ଏହା କେଉଁ ସମୟ ସୀମା ମଧ୍ୟରେ ଏକ ବଡ଼ ଧରଣର ବିପଦ ଡାକିବ ତାହା କିଏ କହିବ ସେନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ମତାମତ ଲୋଡ଼ା ଯିବାରେ କୁହାଯାଇଛି ଯେ ବିଇଓ, ଡ଼ିଇଓ ଏବଂ ବିଡ଼ିଓଙ୍କ ଅପାରଗତା ଯୋଗୁ କୌଣସି କାର୍ଯ୍ୟ ହୋଇ ପାରୁ ନାହିଁ। ତେଣୁ ଆଗାମୀ ଦିନରେ ଅଘଟଣ ଘଟିଲେ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟି ରହିବେ ବୋଲି କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ତେଣୁ ଏଦିଗରେ ଜିଲ୍ଲା ପ୍ରଶାସନ ନଜର ଦେବାକୁ ଦାବି ହେଉଛି। ଏହା ଭଙ୍ଗା ଯିବା ସହ ପୁନଃନିର୍ମାଣ ଲାଗି ସାଧାରଣରେ ମତ ପ୍ରକାଶ ପାଉଛି।

## ଆଗକୁ ଆସୁଛି ନବରାତ୍ରୀ, ଭକ୍ତଙ୍କ ଭିଡ ହେଲେ ରାସ୍ତା ବେହାଲ

ନୟାଗଡ଼,(ନିପ୍ର): ଆଗକୁ ପାର୍ବଣ ଋତୁ। ନବରାତ୍ରୀର ସମ୍ଭାର ନେଇ ଧରାପୃଷ୍ଠକୁ ଓହ୍ଲାଇବେ ଜଗତ ଜନନୀ ମା ଚଳଚଞ୍ଚଳ ହେବ ଧରାପୃଷ୍ଠ।ଶକ୍ତି ପୀଠମାନଙ୍କରେ ହେବ ଯାତ୍ରୀଙ୍କ ଅସମ୍ଭବ ଭିଡ। ଏହାକୁ ଲକ୍ଷ୍ୟରେ ରଖି ରାସ୍ତାଘାଟ ସବୁ ନବକଳେବର କରାଯାଉଛି। ହେଲେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ଏହାର ଏକ ବାସ୍ତବ ଚିତ୍ର ନମୁନା ହେଲା ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୋଲପଟା ଠାରୁ ଫାସିପଲ୍ଲି ରାସ୍ତା। ଦୁଇ ବର୍ଷ ତଳେ ନିର୍ମିତ ହୋଇଥିବା ବୈଷ୍ଣୋ ଦେବୀ ପୀଠକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା।ରାସ୍ତା ସାରା ଖାଲଖମା ହୋଇପଡ଼ିରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଏପରି ଦୁର୍ଦ୍ଦଶା ଅଞ୍ଚଳବାସୀଙ୍କୁ ଭୋଗିବାକୁ ପଡୁଛି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଉଥିବା ରୋଗୀ,ସ୍କୁଲ କଲେଜରେ ପଢିବାକୁ ଯାଉଥିବା ଛାତ୍ରଛାତ୍ରୀ ଓ ଜନସାଧାରଣ ରସ୍ତାଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ପୂର୍ବରୁ ଟେଣ୍ଡର ହୋଇ ବାଚସ୍ପତିଙ୍କ ଦ୍ୱାରା ରାସ୍ତା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲେ ମଧ୍ୟ ଠିକାଦାରର କର୍ଯ୍ୟ ଅବଧି ସରିଯାଇଛି କିନ୍ତୁ ରାସ୍ତା କାର୍ଯ୍ୟ ହୋଇନାହିଁ। ଅଥଚ ବିଭାଗୀୟ ଅଧିକାରୀ କୁମ୍ଭକର୍ଣ୍ଣ ନିଦ୍ରାରେ। କେବେ ରାସ୍ତାର ଅବସ୍ଥା ସୁଧୁରୁଛି ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## କଟକ ସହରର ଅନେକ ଅଞ୍ଚଳରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

କଟକ,(ନିପ୍ର): ପାଖେଇ ଆସୁଛି ଦୁର୍ଗା ପୂଜା। ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ବିଭିନ୍ନ ସ୍ଥାନରେ ମୂର୍ତ୍ତି ସାଙ୍ଗକୁ ନିର୍ମାଣ ଚାଲିଛି ତୋରଣ। କିନ୍ତୁ ସଞ୍ଜ ନଇଁରେ ସିଲଭର ସିଟିରେ ରାଜୁତି କରୁଛି ଅନ୍ଧକାର। ସହରର ଅନେକ ଅଞ୍ଚଳରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍। କେଉଁଠି ବଲ୍‌ବ ଫ୍ୟୁଜ୍ ତ କେଉଁଠି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। କଟକ ସହରରେ ୫୭ ହଜାର ଲାଇଟ୍ ପୋଷ୍ଟ ରହିଛି। ସେଥିରୁ ୧୨ ହଜାର ଲାଇଟ୍ ପୋଷ୍ଟରେ ବଲ୍‌ବ ଫ୍ୟୁଜ୍ ହୋଇଯାଇଛି। ମାତ୍ର ୩୧ ହଜାର ଲାଇଟ୍ ପୋଷ୍ଟ କାମ କରୁଛି। ଅନ୍ଧକାର ପାଇଁ ଅନେକ ସମୟରେ ଅପରାଧ ଘଟୁଛି। ଦୁର୍ଘଟଣା ବି ଘଟୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ କଟକ ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ଦେଇଛି ଭଏସ୍ ଅଫ୍ କଟକ ସଂଗଠନ।

ସେହିପରି ଓଡ଼ିଶା ଜନତା କଂଗ୍ରେସ ମଧ୍ୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି।ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି କଟକ ମହାନଗର ନିଗମ କମିଶନର କହିଛନ୍ତି ଲାଇଟ୍ ଟେଣ୍ଡର ନେଇଥିବା କମ୍ପାନୀର ଅବଧି ସରିଯାଇଛି। ଖୁବ୍ ଶୀଘ୍ର ଅର୍ଥାତ୍ ଦୁର୍ଗାପୂଜା ପୂର୍ବରୁ ଏହି ସମସ୍ୟାର ସମାଧାନ କରାଯିବ। ଦୁର୍ଗାପୂଜା ପୂର୍ବରୁ ରାସ୍ତାଘାଟ ସମସ୍ୟାର ସମାଧାନ ସହ ଷ୍ଟ୍ରିଟ୍ ଲାଇଟ୍ ମରାମତି କେଏମସି ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ।

## ଡାବୁଗାଁ : ସ୍ୱଚ୍ଛତା ଅଭିଯାନ ପ୍ରହସନ ପାଲଟିଲା

ଡାବୁଗାଁ(ନିପ୍ର): କେନ୍ଦ୍ର ସରକାରଙ୍କ ବହୁ ପ୍ରଚାରିତ 'ସ୍ୱଚ୍ଛତା ହିଁ ସେବା - ୨୦୨୬' କାର୍ଯ୍ୟକ୍ରମ ଡାବୁଗାଁ ବ୍ଲକ୍



ଅଫିସରେ ପ୍ରହସନ ପାଲିଟିଛି। ବ୍ଲକ୍ ପରିସରରେ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଟି-ସାର୍ଟ ବାଣ୍ଟି ଫଟୋ ଉଠା କାର୍ଯ୍ୟକ୍ରମ କରାଯାଇଥିଲା। ହେଲେ ବ୍ଲକ୍ ଅଫିସ ପଛପଟ ଓ ଆଖପାଖ ଅଞ୍ଚଳରେ ଅଳିଆ ଆବର୍ଜନା ସେମିତି ପଡ଼ି ରହିଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ସ୍ୱଚ୍ଛତା ନାଁରେ ଆସୁଥିବା ବଜେଟ୍ କେବଳ ଟି-ସାର୍ଟ , ବ୍ୟାନର ଓ ଫଟୋ ସେସନରେ ଖର୍ଚ୍ଚ ହେଉଛି। ବାସ୍ତବ ସଫେଇ ହେଉନାହିଁ। ଏହାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏ ବିଷୟରେ ବିଆରସିଙ୍କୁ ପଚାରିବାରୁ ସବୁ କାର୍ଯ୍ୟକ୍ରମ ତରବରିଆ ଭାବରେ ହୋଇଥିବା ଏବଂ ଆଗାମୀ ଦିନରେ ଏହା ଉପରେ ଧ୍ୟାନ ଦେବେ ବୋଲି କହିଥିଲେ। କିନ୍ତୁ ଡାବୁଗାଁ ବ୍ଲକ ପରିସର ବର୍ଷ ତମାମ ଅଳିଆ ଆବର୍ଜନାରେ ଦୁର୍ଗନ୍ଧମୟ ପରିବେଶରେ ଚାଲୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦେଢ଼ ବର୍ଷର ଆନ୍ଦୋଳନ ପରେ ବି ମିଳିନି ସମାଧାନ

### ୬୮ ଦିନରେ ପହଞ୍ଚିଲା ଧାରଣା

ଭଦ୍ରକ,(ନିପ୍ର): ଧାମରା ବନ୍ଦରରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି, ଗାଡ଼ି ମାଲିକଙ୍କ ସମସ୍ୟାର ସମାଧାନ ଓ ବନ୍ଦର କର୍ତ୍ତୃପକ୍ଷଙ୍କ କଥିତ ମନମୁଖୀ କାର୍ଯ୍ୟକଳାପର ପ୍ରତିବାଦରେ ଦୀର୍ଘ ଦେଢ଼ ବର୍ଷ ଧରି ଚାଲିଆସୁଥିବା ଆନ୍ଦୋଳନ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬୮ଦିନ ଧରି ପ୍ରତୀକାତ୍ମକ ଧାରଣାରେ ପହଞ୍ଚିଛି। ଗଣତାନ୍ତ୍ରିକ ଉପାୟରେ ବିଭିନ୍ନ ସମୟରେ ରେଳରୋକ, ରାସ୍ତାରୋକ, ପ୍ରତିବାଦ, ଓ ଧାରଣା ଭଳି ବିଭିନ୍ନ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ନେଇ ଗାନ୍ଧି ଜୟନ୍ତୀରେ ଧାରଣାସ୍ଥଳରେ ବସିଥିବା ଭଦ୍ରକ ଜିଲା ବିକାଶ ପରିଷଦ, ଜିଲା ଟିପର ଓ ବିଶ୍ୱକର୍ମା ମାଲିକ ସଂଘର




କର୍ମକର୍ତାମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଭଦ୍ରକ ଜିଲା ବିକାଶ ପରିଷଦ ତଥା ଜିଲା ଟିପର ଡମ୍ପର ଟ୍ରକ୍ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ଓ ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ଅଭିଯୋଗ ମୂଳେ ଗତ ଦେଢ଼ ବର୍ଷ ମଧ୍ୟରେ ସେମାନଙ୍କ ସଂଘ ପକ୍ଷରୁ ଦୁଇଥର ରେଳରୋକ କରାଯାଇଛି। ଏଥିସହ ଜାତୀୟ ରାଜପଥ-୧୬ରେ ମଧ୍ୟ ଗାଡ଼ି ଅଟକାଇ ପ୍ରତିବାଦ କରାଯାଇଥିଲା। ଧାମରା ବନ୍ଦର ଅଂଚଳରୁ ଆସୁଥିବା ଗାଡ଼ି ସମ୍ପର୍କିତ ସମସ୍ୟାକୁ ନେଇ ମଧ୍ୟ ପ୍ରତିବାଦ ହୋଇଥିବାର ସେମାନେ କହିଛନ୍ତି। ବିଶେଷକରି ଧାମରା ଅଂଚଳର ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେତେକଙ୍କୁ ଚାକିରି ଓ ବ୍ୟବସାୟର ସୁଯୋଗ ମିଳୁଥିବାବେଳେ ବ୍ୟାପକ ଭଦ୍ରକ ଜିଲ୍ଲାର ଶିକ୍ଷିତ ବେକାର ଯୁବକ-ଯୁବତୀ ଏବଂ ଗାଡ଼ି ମାଲିକମାନେ ଆବଶ୍ୟକ ସୁଯୋଗ ପାଉନାହାନ୍ତି।ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲେ ମଧ୍ୟ ଦାବିଗୁଡ଼ିକର ସମାଧାନ ନେଇ ଠୋସ ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ଅକ୍ଟୋବର ୯ ତାରିଖରେ ପୁଣି ରେଳରୋକ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି।

## ଗାନ୍ଧୀଜୟନ୍ତୀରେ ଜାତିର ପିତା ଅଲୋଡା

ଭାପୁର,(ନିପ୍ର): ଶୁକ୍ରବାର ସାରା ଭାରତ ବର୍ଷର ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ମୃତିଚାରଣ କରାଯାଇଛି। କିନ୍ତୁ,ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ସାମାନ୍ୟତମ ସମ୍ମାନ ମଧ୍ୟ ଦେଖେଇ ନାହାନ୍ତି ବ୍ଲକ ପ୍ରଶାସନ। ଯାହାକି ଶିକ୍ଷାବିତ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିମୂର୍ତ୍ତିରେ ଧୂଳିମଳି ଭରି ରହିଥିବାବେଳେ ଚତୁଃପାର୍ଶ୍ୱ ଘାସଲତା ଓ ଅଳିଆ ଆବର୍ଜନା ମଧ୍ୟ ସଫା ହୋଇ ନ ଥିବା ଦେଖାଯାଇଥିଲା। ପ୍ରତିମୂର୍ତ୍ତିରେ ଅତୀତର ଶୁଖିଲା ଫୁଲମାଳଟିଏ ପଡିଥିବାବେଳେ ନୂତନ ମାଳ ପଡି ନ ଥିଲା। କିନ୍ତୁ ହାତରେ ଧରେଇ ଦିଆଯାଇଥିଲା ବ୍ୟବହୃତ ଫୁଲ ତୋଡ଼ା। ଏଇ ହେଉଛି ବ୍ଲକ ପ୍ରଶାସନର ଓଡ଼ିଆ ଅସ୍ମିତା ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## 'ଆଙ୍ଗନ କା ଉତ୍ସବ' ପାଳିତ

କାକଟପୁର(ନିପ୍ର): ରାଜ୍ୟରେ ଶିଶୁ, ମହିଳା, ଓ କିଶୋରୀମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ରାଜ୍ୟରେ ପୋଷଣ ମାସ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ୩ ଦିନିଆ ସେପ୍ଟେମ୍ବର ୨୭ ରୁ ୨୯ ପର୍ଯ୍ୟନ୍ତ 'ଆଙ୍ଗନ କା ଉତ୍ସବ '' କାକଟପୁର ବ୍ଲକ ର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପାଳିତ ହୋଇଯାଇଛି। କାକଟପୁର ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ କାକଟପୁର ଅଙ୍ଗନବାଡି କେନ୍ଦ୍ର -୨ ରେ,କର୍ମୀ ମିନାକ୍ଷୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ୩ଦିନ ବ୍ୟାପି ମହାସମାରୋହରେ ପାଳନ କରାଯାଇଛି।

## 'ସତ୍ୟ ଏବଂ ଅହିଂସା ହେଉଛି ମାନବିକତାର ସର୍ବଶ୍ରେଷ୍ଠ ପୁଞ୍ଜି '

**ରମ୍ଭା,(ନିପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ଗ୍ରାମପଞ୍ଚାୟତ ଅଧୀନସ୍ଥ ଗଜପତି ନଗର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ ପାଞ୍ଚୋଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପାଞ୍ଚଜଣ ମହାମାନବ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା



କୃଷ୍ଣଚନ୍ଦ୍ର ଗଜପତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ସମ୍ବିଧାନ ପ୍ରଣେତା ଡ. ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା,ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ,ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସ, ସମ୍ପାଦକ ଡ ପ୍ରଭାକର ତ୍ରିପାଠୀ, ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା , ଆରସିଏମ କଲେଜର ଅଧ୍ୟକ୍ଷ ଡ ସନ୍ତୋଷ ପାତ୍ର, ଏପିଜେ ଅବଦୁଲ ଜନ କଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ପଞ୍ଚାନନ ସୁର, ସାହିତ୍ୟିକ ବଂଶୀଧର ସେଠି, ଆଇନଜୀବୀ ସୁଧାଂଶୁ ଶେଖର ସାହୁ, ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ସରପଞ୍ଚ ସନ୍ତୋଷିନୀ ବେହେରା, କୁଳ ସଭାପତି ବ୍ରଜବନ୍ଧୁ ବେହେରା ପ୍ରମୁଖ ବ୍ୟକ୍ତି ଉନ୍ମୋଚିତ ପର୍ବକୁ ଶୁଭାରମ୍ଭ କରିଥିଲେ।

**ଯାଜପୁର :** ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତା ଭବନ ପ୍ରାଧ୍ୟାପକ ତଥା ଗାନ୍ଧୀ ଦର୍ଶନ ଗବେଷକ ଓ ଲେଖକ ଡ. ଅବଶ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ।

**ଜଟଣୀ :** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ରେଳ ମଣ୍ଡଳ




ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେସନଠାରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ କରାଯାଇଛି। ଏହି ଅବସରରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି ସହ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।'ଏକ ପେଡ୍ ମାଆ କେ ନାମ୍' ଅଭିଯାନ ଅଧୀନରେ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।

**ବାଲିଚନ୍ଦ୍ରପୁର :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ପୁଷ୍ପଗିରି ପ୍ରେସ ଫୋରମର



ସହଯୋଗ ଓ ଆନୁକୂଲ୍ୟରେ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଜାତୀୟ ପତାକା ଧାରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ଜୟନ୍ତୀ ଅତ୍ୟନ୍ତ ପାଳିତ ହୋଇଯାଇଛି। ପ୍ରେସ ଫୋରମ ର ସମ୍ପାଦକ ରାକେଶ କୁମାର ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାଯ୍ୟକ୍ରମ ରେ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼. କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟରେ କହିଥିଲେ ଯେ,'ସତ୍ୟ ଏବଂ ଅହିଂସା କେବଳ କିଛି ମତାଦର୍ଶ ନୁହେଁ, ବରଂ ଏହା ମାନବିକତାର ସର୍ବଶ୍ରେଷ୍ଠ ପୁଞ୍ଜି ଏବଂ ଜୀବନର ପ୍ରକୃତ ମାର୍ଗ।'

**ନିରାକାରପୁର :** ଗାନ୍ଧୀ ଜୟନ୍ତୀରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗାନ୍ଧୀଶାନ୍ତି ପ୍ରତିଷ୍ଠାନର ସଭାପତି ଡ. ପୂର୍ଣଚନ୍ଦ୍ର ଦାଶଙ୍କ ସହିତ ଅନୁଷ୍ଠାନର ସଭ୍ୟ ବାଇଧର ପ୍ରଧାନ, ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ସମାଜସେବୀ ଶଙ୍କର୍ଷଣ ପ୍ରଧାନ , ପ୍ରସାଦ ଦାସ, ଗୋବିନ୍ଦ ଚନ୍ଦ୍ର ବିଶୋଇ ସହଯୋଗ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ସାଇଶ୍ରୀ ଅନୁରାଗ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

**ବୋଲଗଡ:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ନାରାୟଣ ସେବା ସଂଘର ୩୨ତମ ପ୍ରତିଷ୍ଠା ଦିବସ ଓ ଗାନ୍ଧୀଜୟନ୍ତୀ ତଥା ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଦିବସରେ ପ୍ରଫେସର ସୁନୀଲ କୁମାର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପି ଦଳର ଉପସଭାପତି ଡ଼.ଯତୀନ ମହାନ୍ତି, ମୁଖ୍ୟବକ୍ତାଭାବେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧି କରଣ ସଦସ୍ୟା ଜୟଶ୍ରୀ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଡାକ୍ତର ଦେବାଶିଷ ମିଶ୍ର,ଇଂ ବିଜୟ କୁମାର ରାୟଗୁରୁ, ଶିକ୍ଷାବିତ ଗୀତାଞ୍ଜଳି ମହାପାତ୍ର,ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

**ପାରଳାଖେମୁଣ୍ଡି :** ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାଂସଦ ବ୍ରହ୍ମପୁର ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ,ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣ ରାଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

**ଭଦ୍ରକ:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ଆଜି ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ-୨୦୨୬ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଛି।। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ତଥା ସଭାପତି, ତ୍ୟାଗଭୂମି ଅଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ରଶ୍ମିରାଣୀ ନିମାକା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ମଞ୍ଚାସୀନ ଥିଲେ।

ତିଥି :(ଅଷ୍ଟମୀ/ନବମୀ): (ପୁର୍ନବସୁ ମିଥୁନ)
ଅମୃତ ବେଳା: ଦିବା ଘ ୬।୨୯ ମଧ୍ୟେ ଘ୮ ।୫୩ ଗତେ

## ଆଜିର ଅନୁଚିନ୍ତନ

ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ପ୍ରାଣୀମାନଙ୍କର ଚେତନା ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଛତିଶଗଡ଼ର ଦାଦାଗିରି !

ବିଚାର, ନିଷ୍ପତ୍ତି ଓ କାର୍ଯ୍ୟକାରିତାର କେଉଁଠି ନା କେଉଁଠି ତ୍ରୁଟି ଯୋଗୁ ଟ୍ରିବ୍ୟୁନାଲ ଗଠନ ଓ କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ମହାନଦୀ ଜଳବିବାଦର ସମାଧାନ ଏଯାବତ୍ ହୋଇପାରିଲା ନାହିଁ। ତେବେ ନିକଟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଦୁଇ ରାଜ୍ୟ ଓଡ଼ିଶା – ଛତିଶଗଡ଼ ମଧ୍ୟରେ ବିବାଦ ସଂପର୍କରେ ଆଲୋଚନା ପରେ ମିଳିଥିବା ପ୍ରତିଶ୍ରୁତି ସଂକ୍ଷେପରେ କହିଲେ ହେବ ଯେ ସମାଧାନର ନିକଟତର ହେଉଛି ଓଡ଼ିଶା। ଏହା ଅବଶ୍ୟ କିଛି ଆଶାର କିରଣ ଦେଖାଇଛି। ମହାନଦୀକୁ ନେଇ ବିଭିନ୍ନ ସମୟରେ ନାନା ରାଜନୈତିକ ବୟାନବାଜି ହୋଇଛି। କିଛି ସୁଫଳ ମିଳିପାରିନାହିଁ। ରାଜନୈତିକ ସ୍ୱାର୍ଥସିଦ୍ଧିର ଗନ୍ଧ ବୟାନବାଜି ଭିତରେ ଅଧିକ ଥିବା ସମାଲୋଚନା ବି ପ୍ରକାଶ ପାଇଛି। ବହୁ ସମୟରେ କାଦୁଅଫିଙ୍ଗା ରାଜନୀତି ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ୟା କିନ୍ତୁ ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ତେବେ ଚଳିତ ଥରର ଆଲୋଚନା ଦ୍ୱାରା ଆଗାମୀ ମାସକ ଭିତରେ ସମାଧାନ ହୋଇଯିବ ବୋଲି ଆଶା ପ୍ରକଟ କରାଯାଇଛି।

ସାଧାରଣ ଜନତା ଲକ୍ଷ୍ୟ କରିଆସିଛନ୍ତି ଯେ ଯେବେ ମହାନଦୀରେ ବନ୍ୟାଜଳ ଆସେ ତଳମୁଣ୍ଡରେ ବନ୍ୟା ଆଶଙ୍କା ବଢେ। ବହୁ ସମୟରେ ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୁଏ। ବର୍ଷା ଓ ବନ୍ୟା ପ୍ରାକୃତିକ ସତ। ମାତ୍ର ତାହାକୁ ନିୟନ୍ତ୍ରଣ କରିବା ନେଇ ଯଥାସାଧ୍ୟ ଉଦ୍ୟମ ତାହା ଆଧୁନିକ ପ୍ରଯୁକ୍ତିର ପ୍ରୟୋଗ ସାଙ୍ଗକୁ ଭିତ୍ତିଭୂମିର ବିକାଶ ଯୋଡ଼ି ହେଉ ରହୁ ତାହା ଅଧିକ ଗୁରୁତ୍ୱ ରଖେ। ୨୦୨୨ ମହାନଦୀ ବନ୍ୟାରେ ମୁଣ୍ଡୁଳି ଠାରେ ୧୨.୦୧ ଲକ୍ଷ କ୍ୟୁସେକ୍ ସର୍ବାଧିକ ଜଳ ପ୍ରବାହ ରେକର୍ଡ କରିଥିଲା ଏବଂ ତତ୍କାଳୀନ ସରକାର ଏହାକୁ ମୁକାବିଲା କରିଥିବା ନେଇ ବାହାବା ନେଇଥିବା ଚର୍ଚ୍ଚା ହୁଏ। କିନ୍ତୁ କେତେ ପରିମାଣରେ ଜଳ ମୁଣ୍ଡୁଳିରେ ଅତିକ୍ରମ କଲା ତାହା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବନ୍ୟା ନିୟନ୍ତ୍ରଣର ସାଧନ ପ୍ରଯୁକ୍ତି ଆଧାରରେ ଯେତେ ହେବ ତାହା ଦ୍ୱାରା ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଣମୌସୁମୀ ସମୟରେ ଅର୍ଥାତ୍ ନଭେମ୍ବରରୁ ମେ ପର୍ଯ୍ୟନ୍ତ ଓଡ଼ିଶା ମହାନଦୀରେ ଜଳପ୍ରବାହ କମ୍ କାରଣରୁ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଏ ବାବଦରେ ଏକ ସଂଗଠନର ଦାବି ଯେ ୧୭୪ ନିୟୁତ ଏକ ଫୁଟ ଜଳ ଅଣମୌସୁମୀ ସମୟରେ ପ୍ରବାହ ସୁନିଶ୍ଚିତ କରାଯାଉ। ଏଥିନେଇ ସ୍ୱଚ୍ଛ ତଥା ବୈଜ୍ଞାନିକ ଆଧାରିତ ଗ୍ରହଣୀୟତା ଗୁରୁତ୍ୱ ପ୍ରକାଶ ପାଉ। ଅସଲରେ ଛତିଶଗଡ଼ ଯେତିକି ବ୍ୟାରେଜ ଓ ବନ୍ଧ ନିର୍ମାଣ କରିଛି ସେଥିନେଇ କେତେ ସଂଖ୍ୟକକୁ କେନ୍ଦ୍ରୀୟ ଅନୁମତି ମିଳିଛି ଆଉ କେତେ ସଂଖ୍ୟକକୁ ଅନୁମତି ମିଳିନାହିଁ, ସେ ବାବଦରେ କେବେ ଚର୍ଚ୍ଚା ହୋଇଥିବା ବା ପ୍ରଶ୍ନ ହୋଇଥିବାର ଆଲୋଚନା ସାମ୍ନାକୁ ଆସିନାହିଁ। ଅର୍ଥାତ୍ ଏସବୁ ବେଆଇନ ଭାବରେ ନିର୍ମାଣ କରାଯାଇଛି ଏହା ହିଁ ଅବବୋଧ ହେଉଛି। କେହି ମଧ୍ୟ ଏ ବାବଦେ ମୁହଁ ଫିଟାଉନାହାନ୍ତି।

ଆମ ରାଜ୍ୟର ସାଧାରଣ ଜନତା ବର୍ଷ ବର୍ଷ ଧରି ଲକ୍ଷ୍ୟ କରିଆସିଛନ୍ତି ଅଣ ମୌସୁମୀ ସମୟରେ ଛତିଶଗଡ଼ ମହାନଦୀ ପାଣିକୁ ମନଇଚ୍ଛା ଚାପି ରଖିବା ଦ୍ୱାରା ଓଡ଼ିଶା ଜଳଯନ୍ତ୍ରଣା ଭୋଗେ। ଠିକ୍ ସେହିଭଳି ମୌସୁମୀ ସମୟରେ ଉପରମୁଣ୍ଡରେ ଯେବେ ଜଳ ଉଚ୍ଛୁଳେ ସେତେବେଳେ ତାହାକୁ ଅଟକାଇ ରଖିବାର ତାକତ ନ ଥାଏ, ସିଧା ଓଡ଼ିଶାକୁ ଛାଡ଼େ। ଏ ଘଟଣା ଧରାବନ୍ଧା ହୋଇଗଲାଣି। ଏହାକୁ ଏକ ପ୍ରକାର ଦାଦାଗିରି କହିଲେ, ଅତ୍ୟୁକ୍ତି ହେବନାହିଁ। ମାତ୍ର ସଂଘୀୟ ବ୍ୟବସ୍ଥାରେ ଏହା ଶୋଭାପାଏ ନାହିଁ। ସୁତରାଂ ଜଳବଣ୍ଟନ ପରିପ୍ରେକ୍ଷୀରେ ଦାଦାଗିରି ବିରୋଧରେ କେନ୍ଦ୍ର ସରକାର କେତେ ସଶକ୍ତ ହେଉଛନ୍ତି ତାହା ଏହି ବିବାଦର ସମାଧାନ ତୁଟିବା ବେଳେ ନିଶ୍ଚୟ ପ୍ରକଟିତ ହେବ। ମହାନଦୀ ଓଡ଼ିଶାର ଜୀବନରେଖା। ଡବଲ ଇଂଜିନ ସରକାର ରାଜ୍ୟବାସୀଙ୍କୁ ସ୍ୱାର୍ଥ ଭୂଲୁଣ୍ଠିତ ନ ହେଉ, ତାହାପ୍ରତି ଯଥୋଚିତ ଧ୍ୟାନ ଦେବେ ବୋଲି ଆଶା କରାଯାଏ।

# ଏ.ଆର୍.ଟି, ଏଚ୍.ଆଇ.ଭି ଓ ସୁସ୍ଥ ବାର୍ଦ୍ଧକ୍ୟ

**ଡା. ରାଜକିଶୋର ପଣ୍ଡା**

"

**ଏଚ.ଆଇ.ଭି, ଅଣସଂକ୍ରାମକ ରୋଗ ଓ ବିଭିନ୍ନ ବାର୍ଦ୍ଧକ୍ୟକାଳୀନ ସମସ୍ୟାକୁ ନିକଟତର କରାଯିବାର ଆବଶ୍ୟକତା ରହିଛି। ଅଣସଂକ୍ରାମକ ରୋଗର ଚିକିତ୍ସାରେ ଏଚ.ଆଇ.ଭି ପାଇଁ ପରୀକ୍ଷଣର ସୁବିଧା କରାଯିବା ସହିତ ଏଚ.ଆଇ.ଭିର କାଉନସେଲିଂରେ ଅଣସଂକ୍ରାମକ ରୋଗ ବିଷୟରେ ପୀଡ଼ିତମାନଙ୍କୁ ଯଥେଷ୍ଟ ମାତ୍ରାରେ ସଚେତନ କରାଯାଉ। ମୋଟ ଉପରେ ଏଚ.ଆଇ.ଭି ଆକ୍ରାନ୍ତ ବୟସ୍କମାନଙ୍କର ସୁସ୍ଥ ବାର୍ଦ୍ଧକ୍ୟର ସମ୍ଭାବନାକୁ ଆଖି ଆଗରେ ରଖି ଭବିଷ୍ୟତରେ ଏହି ରୋଗ ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି।**

ଚିକିତ୍ସା ବିଜ୍ଞାନ ପତ୍ରିକା "ଦି ଲାନ୍‌ସେଟ୍" ରେ ସମ୍ପ୍ରତି ଏକ ରିପୋର୍ଟ ପ୍ରକାଶ ପାଇଛି ଏଚ.ଆଇ.ଭି ବ୍ୟାଧି ବିଷୟରେ। ଏହି ରିପୋର୍ଟଟିର ନାମ ହେଉଛି "ଲାନ୍‌ସେଟ୍ ଏଚ.ଆଇ.ଭି କମିଶନ୍ ଅନ୍ ଏଜିଙ୍ଗ୍ - ୨୦୨୬"। ଏହା ବର୍ତ୍ତମାନ ପରିଦୃଶ୍ୟରେ ବିଶ୍ୱବ୍ୟାପୀ ଏଚ.ଆଇ.ଭି ର ସ୍ଥିତି ଓ ବାର୍ଦ୍ଧକ୍ୟ ସହ ଏଚ.ଆଇ.ଭି ର ସମ୍ପର୍କ ଉପରେ ପର୍ଯ୍ୟବସିତ।

ଏହି ରିପୋର୍ଟ ଦର୍ଶାଉଛି ଯେ ୨୦୨୫ରେ ବିଶ୍ୱର ସମୁଦାୟ ଏଚ.ଆଇ.ଭି ଆକ୍ରାନ୍ତଙ୍କ ମଧ୍ୟରୁ ପାଖାପାଖି ଏଗାର ମିଲିଅନ୍ ଲୋକ (ସମୁଦାୟର ତିରିଶ ପ୍ରତିଶତ) ପଚାଶ ବର୍ଷ ବା ତା'ଠାରୁ ଅଧିକ ବୟସର ଅଟନ୍ତି। ୨୦୪୦ ସୁଦ୍ଧା ଏହି ସଂଖ୍ୟା କୋଡ଼ିଏ ମିଲିଅନକୁ ବୃଦ୍ଧି ପାଇବ, ଯାହାକି ସମଗ୍ର ଆକ୍ରାନ୍ତଙ୍କର ଏକାବନ ପ୍ରତିଶତ। ଆହୁରି ଏଥିରୁ ସିଂହଭାଗ ପୀଡ଼ିତ ହେବେ ନିମ୍ନ ଏବଂ ମଧ୍ୟମ ଆୟ ବିଶିଷ୍ଟ ଦେଶମାନଙ୍କ ମଧ୍ୟରୁ। ବୈଶ୍ୱିକ ଏଚ.ଆଇ.ଭି ମହାମାରୀର ସବୁଠାରୁ ବଡ଼ ଅଂଶ ବର୍ତ୍ତମାନ ଦେଖିବା ପାଇଁ ମିଳୁଛି ସବ୍‌ସାହାରାନ୍ ଆଫ୍ରିକା ଅଞ୍ଚଳରେ। ସବ୍‌ସାହାରାନ୍ ଆଫ୍ରିକା ହେଉଛି ଆଫ୍ରିକା ମହାଦେଶର ସେହି ଅଞ୍ଚଳ, ଯାହା ସାହାରା ମରୁଭୂମିର ଦକ୍ଷିଣରେ ଅବସ୍ଥିତ। "ଲାନ୍‌ସେଟ୍"ର ରିପୋର୍ଟରେ ଉଲ୍ଲେଖ କରାଯାଇଥିବା "ଆକ୍ରାନ୍ତ" ମାନଙ୍କର ବୟସ ସମ୍ପର୍କିତ ତଥ୍ୟଟି ବହୁମାତ୍ରାରେ ସମ୍ଭବ ହୋଇ ପାରିଛି ଏଚ.ଆଇ.ଭି ର ଏକ ପ୍ରଭାବୀ ଚିକିତ୍ସା ପ୍ରଣାଳୀ ଦ୍ୱାରା। ଏହାକୁ କୁହାଯାଏ ଆଣ୍ଟି ରେଟେରୋଭାଇରାଲ ଥେରାପି (ଏ.ଆର୍.ଟି)। ଏହି ଚିକିତ୍ସା ପଦ୍ଧତିଟି ଲକ୍ଷ ଲକ୍ଷ ଏଚ.ଆଇ.ଭି ଆକ୍ରାନ୍ତ ଲୋକଙ୍କୁ ସକ୍ଷମ କରିପାରିଛି ବୃଦ୍ଧ ବୟସରେ ଉପନୀତ ହେବା ପାଇଁ। ପୀଡ଼ିତ ବା ଆକ୍ରାନ୍ତ କେବଳ ଦୀର୍ଘକାଳ ବଞ୍ଚି ରହିବା ଏ.ଆର୍.ଟି ର ଉଦ୍ଦେଶ୍ୟ ନୁହେଁ ବରଂ ବର୍ତ୍ତମାନ ସମୟରେ ଏହାର ଲକ୍ଷ୍ୟ ବ୍ୟାପକ ମାତ୍ରାରେ ହେଉଛି ରୋଗୀକୁ ଉତ୍ତମ ସ୍ୱାସ୍ଥ୍ୟ, ସ୍ୱାଧୀନତା (ଆର୍ଥିକ, ସାମାଜିକ) ଓ ଗୁଣବତ୍ତା ଭିତ୍ତିକ ଜୀବନ ଆଦି ଯୋଗାଇ ଦେବା। ଅଳ୍ପରେ କହିଲେ ଏ.ଆର୍.ଟି ର ବର୍ତ୍ତମାନ ସମୟରେ ଲକ୍ଷ୍ୟ ହେଉଛି, ରୋଗୀଟି ସୁରୁଖୁରୁରେ ଓ ସନ୍ତୁଳିତ ଭାବରେ ବୟସ୍କ ହେଉ। ବୟସ୍କ ଲୋକମାନେ ମଧ୍ୟ ଏଚ୍.ଆଇ.ଭି ଦ୍ୱାରା ସଂକ୍ରମିତ ହୋଇ, ପରବର୍ତ୍ତୀ ସମୟରେ ଚିହ୍ନଟ ହେଉଛନ୍ତି। ମାତ୍ର ପ୍ରତିଷେଧକ ଓ ପରୀକ୍ଷଣ କାର୍ଯ୍ୟକ୍ରମ ମୁଖ୍ୟତଃ ଯୁବପିଢ଼ିଠାରେ ହିଁ କେନ୍ଦ୍ରୀତ ରହୁଛି।

ସାଧାରଣତଃ ଧରି ନିଆଯାଇଥାଏ ଯେ ବୟସ୍କମାନେ ଯୌନ ସକ୍ରିୟ ନୁହନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ବୟସ୍କମାନଙ୍କ କ୍ଷେତ୍ରରେ ଯୌନ ସ୍ୱାସ୍ଥ୍ୟର ପରାମର୍ଶ, ଯୌନ ରୋଗର ଚିହ୍ନଟ ନିମନ୍ତେ ପରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ବିଶେଷ କରି ପ୍ରିଏକ୍ସପୋଜର୍ ପ୍ରୋଫାଇଲ୍ୟାକ୍ସିସ୍ ଆଦି ଉପରେ ଗୁରୁତ୍ୱାରୋପ କରନ୍ତି ନାହିଁ।

ଆହୁରି ବୟସ୍କମାନେ ଏଚ୍.ଆଇ.ଭି ସମ୍ପର୍କିତ ସୂଚନା, ବିଜ୍ଞାପନ ଉପରେ କୌଣସି ଧ୍ୟାନ ନ ଦେଇ, ଏସବୁକୁ ଯୁବପିଢ଼ିମାନଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ମନେକରନ୍ତି। ଏହି ସବୁ କାରଣରୁ ଚିହ୍ନଟ ଓ ଚିକିତ୍ସା ପଦ୍ଧତିରେ ବିଳମ୍ବ ହେବା ସହିତ ସ୍ୱାସ୍ଥ୍ୟ ସେବାରେ ଏକ ପାତରଅନ୍ତର ମଧ୍ୟ ଉପୁଜିଥାଏ ଯାହାକି ରୋଗଟିର ପ୍ରତିରୋଧ ଓ ପ୍ରାରମ୍ଭିକ ଚିହ୍ନଟରେ ବାଧା ସୃଷ୍ଟି କରେ।

ଲାନ୍‌ସେଟ୍ ଏବଂ ଆଫ୍ରିକା ଓ୍ୱିଟସ୍ ଇନ୍‌ଡେପ୍‌ଥ ପାର୍ଟନରସିପ୍ ଫର୍ ଜିନୋମିକ୍ ରିସର୍ଚ୍ଚ (ଏ.ଡବ୍‌ଲ୍ୟୁ.ଆଇ-ଜେନ୍) ର ମିଳିତ ଉଦ୍ୟମରେ ସମ୍ପ୍ରତି ଏକ ଗବେଷଣା କରାଯାଇଥିଲା। ଏହି ଏ.ଡବଲ୍ୟୁ.ଆଇ- ଜେନ୍ ଏକ ଗବେଷଣା ସଂସ୍ଥା ଯାହାର ପ୍ରମୁଖ ଲକ୍ଷ୍ୟ ହେଉଛି ବିଭିନ୍ନ ଅଣସଂକ୍ରାମକ ରୋଗ (ହୃଦ୍‌ରୋଗ, ରକ୍ତଚାପ, ମଧୁମେହ, ମେଦ ବହୁଳତା) ସହ ଆନୁବଂଶିକ ଓ ପରିବେଶ



ତତ୍ତ୍ୱର ସମ୍ପର୍କ ଉପରେ ସମ୍ୟକ ଗବେଷଣା କରିବା, ଆଫ୍ରିକା ଅଞ୍ଚଳରେ। ଲାନ୍‌ସେଟ୍ ସହ ମିଶି ଏହି ସଂସ୍ଥା ପ୍ରାୟ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ସାତହଜାର ବୟସ୍କଙ୍କ (କେନିଆ ଓ ଦକ୍ଷିଣ ଆଫ୍ରିକାର) ବିଷୟରେ ତଥ୍ୟ ସଂଗ୍ରହ କରିଅଛି। ଏଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅନ୍ତର୍ଭୁକ୍ତ। ଏହି ତଥ୍ୟ ସଂଗ୍ରହ କରାଯାଇଥିଲା ୨୦୧୩-୧୬ ରୁ ଓ ୨୦୧୯-୨୨ ମଧ୍ୟରେ।

ଗବେଷଣାରୁ ଜଣାପଡ଼ିଲା ଯେ ବୟସ୍କ ବା ପ୍ରୌଢ଼ ବ୍ୟକ୍ତିମାନଙ୍କ ମଧ୍ୟରେ ଏଚ.ଆଇ.ଭିର ବ୍ୟାପକତା କେତୋଟି କାରକ ଉପରେ ନିର୍ଭର କରୁଛି। ଏହି କାରକଗୁଡ଼ିକ ହେଉଛି ଲିଙ୍ଗ, ଶିକ୍ଷା, ସାମାଜିକ-ଆର୍ଥିକ ପରିସ୍ଥିତି ଓ ସ୍ଥାନ। ବିଧବା ମହିଳାଙ୍କ କ୍ଷେତ୍ରରେ ସବୁଠାରୁ ଅଧିକ (୩୦.୮%) ଏଚ.ଆଇ.ଭି ସଂକ୍ରମଣ ଦେଖିବା ପାଇଁ ମିଳିଛି ବୋଲି ମଧ୍ୟ ଉପରୋକ୍ତ ଗବେଷଣା ସ୍ପଷ୍ଟ କରିଛି। ଏହା ପ୍ରତିଫଳିତ କରୁଛି କି ଆର୍ଥିକ ଅସୁରକ୍ଷା ଓ ଲୈଙ୍ଗିକ ଅସମାନତା କ୍ରମାଗତ ଭାବରେ ବିଳମ୍ବିତ ବୟସରେ ଏଚ୍.ଆଇ.ଭି ଦ୍ୱାରା ଆକ୍ରାନ୍ତ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ତେଣୁ ପ୍ରତିଷେଧକ ବ୍ୟବସ୍ଥା, ଉପରୋକ୍ତ ସାମାଜିକ ଓ ଲିଙ୍ଗଗତ ସମସ୍ୟା ଦୂରୀକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅପଯଶ ଓ ବୟସ୍କମାନଙ୍କ ପ୍ରତି ଦୁର୍ବ୍ୟବହାର ମଧ୍ୟ ସମସ୍ୟାଟିକୁ ବହୁଗୁଣିତ କରୁଛି। ଯେହେତୁ ସମାଜରେ ଏକ ଧାରଣା ରହିଆସିଛି ଯେ ଏଚ.ଆଇ.ଭି ମୁଖ୍ୟତଃ ଯୁବକଙ୍କ ମଧ୍ୟରେ ଦେଖାଯାଉଥିବା ବ୍ୟାଧି ତେଣୁ ପ୍ରୌଢ଼ଙ୍କ ଠାରେ ଏହା ଚିହ୍ନଟ ହେଲେ ସେମାନଙ୍କ ପାଇଁ ଏକ ଅପ୍ରୀତିକର ଓ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ବୟସ୍କମାନେ ପରୀକ୍ଷଣ ଓ ଡାକ୍ତରୀ ପରାମର୍ଶରେ ବିଳମ୍ବ କରିଥାନ୍ତି। ଏହା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ସେମାନେ ଦୁଃଶ୍ଚିନ୍ତା ବା ଆନଜାଇଟି ଓ ଡିପ୍ରେସନ(ଅବସାଦ)ର ଶିକାର ହୋଇଥାନ୍ତି। ଲାନସେଟ୍‌ର ରିପୋର୍ଟ ଦୁଇଟି କଥାକୁ ଉଜ୍ଜୀବିତ କରୁଛି।

ପ୍ରଥମରେ ପଚାଶ ବର୍ଷରୁ ଅଧିକ ବୟସ୍କମାନଙ୍କ ମଧ୍ୟରେ ବିଳମ୍ବରେ ଏଚ୍.ଆଇ.ଭି ଚିହ୍ନଟର ସମ୍ଭାବନା କ୍ରମଶଃ ବଢୁଛି। ଏହା ଏକ ଜଟିଳ ପ୍ରସଙ୍ଗ। ଦ୍ୱିତୀୟଟି ପ୍ରଥମର ସମାଧାନ ସମ୍ପର୍କିତ। ଏହା ହେଉଛି ସାଧାରଣ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସହିତ ଏଚ୍.ଆଇ.ଭି ର ଚିକିତ୍ସାକୁ ମଧ୍ୟ ସମନ୍ୱିତ କରାଯାଉ। ଆଶ୍ୱସ୍ତିର କଥା ହେଉଛି "ଲାନ୍‌ସେଟ"ର ଗବେଷଣାରେ ଏଚ.ଆଇ.ଭିକୁ ଏକକ ଭାବରେ ନିଆଯାଇନାହିଁ ବରଂ ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଆଦି ଅଣସଂକ୍ରାମକ ରୋଗ ଓ ଏଚ.ଆଇ.ଭିର ବୟସ୍କଙ୍କ ସ୍ୱାସ୍ଥ୍ୟ ଉପରେ ମିଳିତ ପ୍ରଭାବକୁ ନେଇ ଅଧ୍ୟୟନଟି କରାଯାଇଛି।

ଜଣେ ଏଚ୍.ଆଇ.ଭି ଆକ୍ରାନ୍ତ ବୟସ୍କ ବ୍ୟକ୍ତି ଏ.ଆର.ଟି ସହିତ ରକ୍ତଚାପ, ମଧୁମେହର ଔଷଧ ମଧ୍ୟ ନେଇପାରନ୍ତି ଓ ଡିପ୍ରେସନ ଏବଂ ଆର୍ଥିକ ସମସ୍ୟା ସହ ମଧ୍ୟ ଯୁଝିପାରନ୍ତି। ଏହି ପରିସ୍ଥିତିରେ ଅନେକ ଏକୀକୃତ ଚିକିତ୍ସା ବ୍ୟବସ୍ଥାକୁ ପରିଚାଳନା କରିବା ଗୋଟିଏ ରୋଗୀ ପକ୍ଷରେ କଷ୍ଟକର ହୋଇପଡ଼େ। ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ଏହି ପରିସ୍ଥିତିକୁ ଗୁରୁତ୍ୱ ଦେବା ଉଚିତ ଯେଉଁଥିରେ ଅଧିକାଂଶ ରୋଗୀ ଏଚ.ଆଇ.ଭି ସହିତ ଅନ୍ୟ ରୋଗଦ୍ୱାରା ମଧ୍ୟ ପ୍ରଭାବିତ ଅଛନ୍ତି।

ବିଶେଷତଃ ଗ୍ରାମାଞ୍ଚଳରେ ଏହି ପରିସ୍ଥିତିଟି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଯେତେବେଳେ ବୟସ୍କ ରୋଗୀଟିକୁ ବିଭିନ୍ନ ରୋଗ ନିମନ୍ତେ ଅଲଗା ଅଲଗା କ୍ଲିନିକ୍‌କୁ ଯିବାକୁ ପଡ଼େ ଓ ଏହି ପ୍ରକ୍ରିୟାଟି ବାରମ୍ବାର ଚାଲେ।

ତେଣୁ ଏଚ୍.ଆଇ.ଭି, ଅଣସଂକ୍ରାମକ ରୋଗ ଓ ବିଭିନ୍ନ ବାର୍ଦ୍ଧକ୍ୟକାଳୀନ ସମସ୍ୟାକୁ ନିକଟତର କରାଯିବାର ଆବଶ୍ୟକତା ରହିଛି। ଅଣସଂକ୍ରାମକ ରୋଗର ଚିକିତ୍ସାରେ ଏଚ୍.ଆଇ.ଭି ପାଇଁ ପରୀକ୍ଷଣର ସୁବିଧା କରାଯିବା ସହିତ ଏଚ.ଆଇ.ଭିର କାଉନସେଲିଂରେ ଅଣସଂକ୍ରାମକ ରୋଗ ବିଷୟରେ ପୀଡ଼ିତମାନଙ୍କୁ ଯଥେଷ୍ଟ ମାତ୍ରାରେ ସଚେତନ କରାଯାଉ। ମୋଟ ଉପରେ ଏଚ୍.ଆଇ.ଭି ଆକ୍ରାନ୍ତ ବୟସ୍କମାନଙ୍କର ସୁସ୍ଥ ବାର୍ଦ୍ଧକ୍ୟର ସମ୍ଭାବନାକୁ ଆଖି ଆଗରେ ରଖି ଭବିଷ୍ୟତରେ ଏହି ରୋଗ ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ମାନସିକ ସ୍ୱାସ୍ଥ୍ୟ ପାଇଁ ସହଜ ଉପାୟ

**ଡା.ଅରୁନ୍ଧତୀ ଦେବୀ**

ବର୍ତ୍ତମାନ ସମୟରେ ବିଶେଷକରି ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ। ସେମାନଙ୍କର ବୌଦ୍ଧିକ ଜୀବନର ମୁଖ୍ୟ କେନ୍ଦ୍ର କୁହାଯାଉଥିବା ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସେମାନେ କେବଳ ପାଠପଢ଼ି ନ ଥାନ୍ତି ବରଂ ଜୀବନ ଅଧ୍ୟୟନ କରିଥାନ୍ତି। ଯାହା ସେମାନଙ୍କ ସମୁଜ୍ଜ୍ୱଳ ଭବିଷ୍ୟତ, କ୍ୟାରିୟର ସବୁକିଛି ଜଡ଼ିତ। କିଛିଦିନ ତଳେ ରାଜସ୍ଥାନର କୋଟାରେ ଜଣେ ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା ଖବର ପ୍ରକାଶ ପାଇଥିଲା। ନିକଟରେ ଭାରତର ସୁପ୍ରିମକୋର୍ଟ ଗଢ଼ିଥିବା ଜାତୀୟ ଟାସ୍କଫୋର୍ସଙ୍କର ଅଧ୍ୟୟନର ତଥ୍ୟ ଅନୁଯାୟୀ ପ୍ରତି ଶହେ ଜଣଙ୍କ ଭିତରୁ ପାଖାପାଖି ପନ୍ଦର ଜଣ ମାନସିକ ଯନ୍ତ୍ରଣାକୁ ସାମ୍ନା କରୁଛନ୍ତି। ସେମାନଙ୍କର ଦୁଃଖ, ଉଦ୍‌ବେଗ, ଭରସା, ଚିନ୍ତା ପରି ଦୀର୍ଘକାଳୀନ ଚାପକୁ ସାମ୍ନା କରୁଥିବାର ଖବର ପ୍ରକାଶ ପାଇଛି। ଏହି ଅଧ୍ୟୟନର ତଥ୍ୟ ବିଦ୍ୟାର୍ଥୀମାନଙ୍କ ନିତିଦିନିଆ ଜୀବନରେ ସାମ୍ନା କରୁଥିବା ମାନସିକ ଚାପ ଓ ସେମାନଙ୍କର ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ବୌଦ୍ଧିକ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଛି।

ଆଜିକାଲି ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଲାଣି। ବର୍ତ୍ତମାନର ଚାପଗ୍ରସ୍ତ ଓ ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ବିଦ୍ୟାର୍ଥୀମାନେ ଅନେକ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ତେଣୁ ମାନସିକ ସୁସ୍ଥତା ବଜାୟ ରଖିବା ବଡ଼ ଆହ୍ୱାନ ଭାବେ ସାମ୍ନାକୁ ଆସିଛି। ପାଠପଢ଼ା ସମୟ ବ୍ୟତୀତ ଗପସପ ହୁଅନ୍ତୁ, ଭାବ ପ୍ରକାଶ କରନ୍ତୁ। ନିରବ ନିଃସଙ୍ଗ ରହନ୍ତୁ ନାହିଁ। ସେ ବାପା କି ମାଆ ହୁଅନ୍ତୁ, କାହାରି ନା କାହାରି ପାଖକୁ ଯାଆନ୍ତୁ। ତାଙ୍କ ଆଗରେ ନିଜ ଅସୁବିଧା, ସମସ୍ୟା କଥା କୁହନ୍ତୁ। ତାଙ୍କୁ ସହାୟତା ମାଗିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ କି ଭୟ କରନ୍ତୁ ନାହିଁ। କେବେ ଭୁଲନ୍ତୁ ନାହିଁ ସେମାନେ ହିଁ ତୁମର ନିଶ୍ଚିତ ଅନ୍ତରଙ୍ଗ ଏବଂ ତୁମ ସୁଖଦୁଃଖର ସାଥୀ।

ନିଜ ଛାତ୍ରବନ୍ଧୁଙ୍କ ବ୍ୟତୀତ ସମାଜର ସବୁବର୍ଗଙ୍କ ପ୍ରତି ସାହାଯ୍ୟ ସହଯୋଗ ଓ ସହୃଦୟତାର ମାନସିକତା ରଖନ୍ତୁ। ଅପରକୁ ସାହାଯ୍ୟ କରନ୍ତୁ। ଅପରକୁ ସାହାଯ୍ୟ କଲେ ଭିନ୍ନ ପ୍ରକାରର ସୁଖ ବା ଆତ୍ମସନ୍ତୋଷ ମିଳେ। ଏ ସହାୟତା ଏତେ ବେଶି ବଡ଼ ହେବା ବାଞ୍ଛନୀୟ ନୁହେଁ। କାହାକୁ ରାସ୍ତାପାରି କରାଇଦେବା ଅଥବା ସଉଦାପତ୍ର ଆଣିଦେବା ଭଳି ଛୋଟକାଟିଆ କାମ ବି ଅପାର ଆନନ୍ଦ ଦିଏ। ବେଶି ସମୟ ଟିଭି ଦେଖନ୍ତୁ ନାହିଁ। ସ୍ମାର୍ଟଫୋନରେ ଅଧିକ ସମୟ ଅତିବାହିତ କରନ୍ତୁ ନାହିଁ। ମାତ୍ରାଧିକ ଟେଲିଭିଜନ ଦେଖିବା ଦ୍ୱାରା ବିଦ୍ୟାର୍ଥୀମାନେ ଜୀଉଁଥିବା ବାସ୍ତବ ଜୀବନ ନିଷ୍ପ୍ରଭ ହୋଇଯାଏ। ନିରନ୍ତର ନକାରାତ୍ମକ ସମ୍ବାଦ ଦେଖିବା ଦୁଃଖାନ୍ତ ସିରିଜ ଅଥବା ଚଳଚ୍ଚିତ୍ର ଦେଖିବା, ସାମାଜିକ ଗଣମାଧ୍ୟମ ଘାଣ୍ଟିବା ଓ ଅନ୍ୟ ଲୋକଙ୍କର ନକାରାତ୍ମକ ମତାମତ ପଢ଼ିବା ଦ୍ୱାରା ମନରେ ଭୀଷଣ କୁପ୍ରଭାବ ପଡ଼େ। ଏସବୁ ବନ୍ଦ କରିଦିଅନ୍ତୁ ଏବଂ ସେଥିପ୍ରତି ବିଶେଷ ଧ୍ୟାନ ନିବିଷ୍ଟ କରନ୍ତୁ ନାହିଁ। ଦେହପା' ଯତ୍ନ ନିଅନ୍ତୁ। ମାନସିକ ସ୍ୱାସ୍ଥ୍ୟ ଉପରେ ସାମଗ୍ରିକ ସ୍ୱାସ୍ଥ୍ୟର ବିଶେଷ ପ୍ରଭାବ ରହିଛି। ସୁଷମ ଆହାର ଖାଆନ୍ତୁ ଓ ଦୈନିକ ଅତି କମ୍‌ରେ ୧୦ରୁ ୧୫ ମିନିଟ କସରତ କରନ୍ତୁ। କାମରୁ ଟିକେ ଅବ୍ୟାହତ ନେଇ କିଛି ସମୟ ଶୋଇପଡ଼ନ୍ତୁ। ଏହାଦ୍ୱାରା ଆପଣ ମାନସିକ ଓ ଶାରୀରିକ ଭାବେ ସବଳ ଅନୁଭବ କରିବେ।

ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସପ୍ତାହଟି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ ହୋଇଥାଏ। କେବଳ ମାନସିକ ରୋଗ ଯେ ଏକ ନିର୍ଦ୍ଦିଷ୍ଟ ବର୍ଗ ବା ବୟସ୍କଙ୍କର ତାହା ଭାବିବା ଅନୁଚିତ। ଯେ କୌଣସି ମଣିଷ ଅସାମାଜିକ, ଅମାନବୀୟ, ଚିନ୍ତା ଚେତନାର ଆଚରଣ ପ୍ରଦର୍ଶନ କଲେ ସ୍ୱତଃ ସେ ଜଣେ ମାନସିକ ବିକୃତ। ତେବେ ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ କୁହାଯାଉଥିବା ତଥା ଏକ ଉଜ୍ଜ୍ୱଳ ଓ ଗୌରବପୂର୍ଣ୍ଣ ଭାରତର ସମ୍ପତ୍ତି ବିଦ୍ୟାର୍ଥୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ କେବଳ ସେହି ପିଲାମାନଙ୍କର କିମ୍ବା ତାଙ୍କ ଅଭିଭାବକଙ୍କର ତାହା ନୁହଁ, ଏ କ୍ଷେତ୍ରରେ ମନସ୍ତତ୍ତ୍ୱବିତ୍‌ଙ୍କ ଠାରୁ ମାନସିକ ରୋଗ ବିଶେଷଜ୍ଞ, ଶିକ୍ଷାବିତ୍‌ଙ୍କ ଠାରୁ ବୁଦ୍ଧିଜୀବୀ, ଗଣମାଧ୍ୟମ ଠାରୁ ନ୍ୟାୟପାଳିକା ସମସ୍ତଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ସକାରାତ୍ମକ ଚିନ୍ତନ ଭିତରେ ଅପରବର୍ଗଙ୍କ ତଥା ସମାଜର ତଳ ପାହାଚରେ ଥିବା ଲୋକଙ୍କର କଥାକୁ ବୁଝିବା ପାଇଁ ଏକ ମାନବୀୟ ମୂଲ୍ୟବୋଧ ଜୀବନ ଜୀଇଁବା ପାଇଁ ଜୀବନର ବ୍ରତ ହେଉ ଏହି ଭାବନା ହିଁ ସମସ୍ତଙ୍କର ଚିନ୍ତା ଓ ଚେତନା ହେଉ ଏହା ହିଁ କାମନା।

କଟକ, ମୋ : ୯୯୩୭୧୭୨୮୧୦

# ଆଗାମୀ ଓଡ଼ିଶାର ଲଢ଼େଇ ଜମି ପାଇଁ ନୁହେଁ, ତଥ୍ୟ ପାଇଁ !

**ସୌଭାଗ୍ୟ ରଞ୍ଜନ ମହାନ୍ତି**

"

**ଆମେ ଯଦି ଆଜିଠାରୁ ନିଜ ତଥ୍ୟର ମୂଲ୍ୟ ବୁଝିବା, ଶିଶୁମାନଙ୍କୁ ଡିଜିଟାଲ ସଚେତନତା ଶିଖାଇବା, ସରକାରୀ ବ୍ୟବସ୍ଥାରେ ଦୃଢ଼ ସୁରକ୍ଷା ଗଢ଼ିବା, ଓଡ଼ିଆ ଭାଷାରେ ଡିଜିଟାଲ ସାମର୍ଥ୍ୟ ବଢ଼ାଇବା ଏବଂ ତଥ୍ୟ ବ୍ୟବହାରରେ ଜବାବଦେହିତା ନିଶ୍ଚିତ କରିବା, ତେବେ ଏହି ଅଦୃଶ୍ୟ ସମ୍ପଦ ଓଡ଼ିଶାର ଦୃଶ୍ୟମାନ ବିକାଶର ନୂଆ ଭିତ୍ତି ହୋଇପାରିବ। ଆଗାମୀ ଯୁଦ୍ଧରେ ତଲୱାର ନ ଥିବ, ସୀମାରେଖା ନ ଥିବ, ବନ୍ଧୁକ ନ ଥିବ; ଥିବ ତଥ୍ୟ, ଜ୍ଞାନ, ପ୍ରଯୁକ୍ତି ଓ ବିଶ୍ୱାସ।**

ଓଡ଼ିଶାର ଆଗାମୀ ଯୁଦ୍ଧ ଜମି ପାଇଁ ନୁହେଁ, ତଥ୍ୟ ପାଇଁ। ଦିନ ବଦଳୁଛି, ଓଡ଼ିଶା ବଦଳୁଛି, ବଦଳୁଛି ବିକାଶର ପରିଭାଷା। ଦିନେ ଯେଉଁ ଜମିକୁ ନେଇ ଶକ୍ତିର ମାପ ହେଉଥିଲା, ଯେଉଁ ଖଣିକୁ ନେଇ ଅର୍ଥନୀତିର ଭବିଷ୍ୟତ ନିର୍ଣ୍ଣୟ ହେଉଥିଲା, ଆଗାମୀ ଦିନରେ ସେହି ମାପଦଣ୍ଡରେ ଆଉ ଗୋଟିଏ ଅଦୃଶ୍ୟ ସମ୍ପଦ ଯୋଡ଼ିବ ତଥ୍ୟ। ଆମ ନାମ, ଠିକଣା, ଜନ୍ମତାରିଖ, ଶିକ୍ଷା, ଜମିର ରେକର୍ଡ, ବ୍ୟାଙ୍କ ସମ୍ପର୍କିତ ସୂଚନା, କୃଷି, ସ୍ୱାସ୍ଥ୍ୟ, ଯାତାୟାତ, କାର୍ଯ୍ୟକଳାପ, ପସନ୍ଦ, ଆବଶ୍ୟକତା ଓ ଆମ ଦୈନନ୍ଦିନ ଜୀବନର ଅସଂଖ୍ୟ ଚିହ୍ନ ଡିଜିଟାଲ ଜଗତରେ ସଂରକ୍ଷିତ ହେଉଛି। ତେଣୁ ପ୍ରଶ୍ନ ଏବେ କେବଳ ଏତିକି ନୁହେଁ ଯେ ଓଡ଼ିଶା କେତେ ରାସ୍ତା କଲା, କେତେ ଶିଳ୍ପ ଆଣିଲା କିମ୍ବା କେତେ ପୁଞ୍ଜି ଆକର୍ଷଣ କଲା; ପ୍ରଶ୍ନ ହେଉଛି—ଓଡ଼ିଶା ନିଜ ତଥ୍ୟକୁ କେତେ ସୁରକ୍ଷିତ ରଖିପାରିବ, କେତେ ସଠିକ୍ ଭାବେ ବ୍ୟବହାର କରିପାରିବ । ଏହାର ଲାଭ ସାଧାରଣ ଲୋକଙ୍କ ପାଖକୁ କେତେ ନ୍ୟାୟସଙ୍ଗତ ଭାବେ ପହଞ୍ଚାଇପାରିବ। ଓଡ଼ିଶା ଏହି ନୂଆ ପରିବର୍ତ୍ତନକୁ ଚିହ୍ନିଛି। ରାଜ୍ୟର କୃତ୍ରିମ ବୁଦ୍ଧିମତ୍ତା ନୀତିରେ ତଥ୍ୟ ଶାସନ, ତଥ୍ୟର ଗୁଣମାନ, ନାଗରିକ ଅଧିକାରର ସୁରକ୍ଷା ଏବଂ ସାଇବର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ରାଜନୀତିରେ ୨୦୨୯ ସୁଦ୍ଧା ଇଣ୍ଟରନେଟ୍ ପ୍ରବେଶ ହାରକୁ ୯୦ ପ୍ରତିଶତ ଏବଂ ୨୦୩୬ ସୁଦ୍ଧା ୧୩୦ ପ୍ରତିଶତ ପର୍ଯ୍ୟନ୍ତ ନେବାର ଲକ୍ଷ୍ୟ ରହିଛି। ଏହା କେବଳ ସଂଯୋଗର ବିସ୍ତାର ନୁହେଁ; ଏହା ସହିତ ତଥ୍ୟର ପରିମାଣ ମଧ୍ୟ ବଢ଼ିବ। ରାଜ୍ୟ ନୀତିରେ ତଥ୍ୟ ଭିତ୍ତିଭୂମି, କମ୍ପ୍ୟୁଟର ଶକ୍ତି, ଓଡ଼ିଆ ଭାଷାର ତଥ୍ୟଭଣ୍ଡାର, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଓ ଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଠାରେ ଓଡ଼ିଶା ପାଇଁ ସୁଯୋଗ ଯେତେ ବଡ଼, ବିପଦ ମଧ୍ୟ ସେତେ ବଡ଼। ଏକ ଚାଷୀଙ୍କ ଜମିର ତଥ୍ୟ ସଠିକ୍ ଥିଲେ ତାଙ୍କୁ ଯୋଜନାର ଲାଭ ସହଜରେ ମିଳିପାରେ; ଭୁଲ ଥିଲେ ତାଙ୍କର ଅଧିକାର ଅଟକିପାରେ। ଜଣେ ଛାତ୍ରଙ୍କ ଶିକ୍ଷାଗତ ତଥ୍ୟ ସଠିକ୍ ଥିଲେ ତାଙ୍କ ପାଇଁ ଉପଯୁକ୍ତ ସୁଯୋଗ ଚିହ୍ନଟ ହୋଇପାରେ; ଭୁଲ ଥିଲେ ସେହି ଭୁଲ ତାଙ୍କ ଭବିଷ୍ୟତକୁ ପ୍ରଭାବିତ କରିପାରେ। ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ସୂଚନା ଠିକ୍ ହାତରେ ଥିଲେ ଚିକିତ୍ସା ଉନ୍ନତ ହୋଇପାରେ; ଅସୁରକ୍ଷିତ ହେଲେ ତାଙ୍କ ଗୋପନୀୟତା ବିପଦରେ ପଡ଼ିପାରେ। ତେଣୁ ତଥ୍ୟ ଆଉ କେବଳ କମ୍ପ୍ୟୁଟରରେ ରହୁଥିବା ଅକ୍ଷର ଓ ସଂଖ୍ୟା ନୁହେଁ; ଏହା ନାଗରିକଙ୍କ ଅଧିକାର, ଅର୍ଥନୈତିକ ସୁଯୋଗ ଓ ସାମାଜିକ ସୁରକ୍ଷା ସହ ଜଡ଼ିତ ଏକ ମୂଲ୍ୟବାନ ସମ୍ପଦ। ଭାରତର ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଓ ୨୦୨୫ର ନିୟମାବଳୀ ଏହି ଦିଗରେ ଏକ ଆଇନଗତ ଢାଞ୍ଚା ଦେଇଛି। ନିୟମଗୁଡ଼ିକର କାର୍ଯ୍ୟକାରିତା ଧାପେ ଧାପେ ହେବାକୁ ଥିବାରୁ ରାଜ୍ୟ ସ୍ତରରେ ମଧ୍ୟ ସଚେତନତା, ପ୍ରଶିକ୍ଷଣ, ସୁରକ୍ଷା ବ୍ୟବସ୍ଥା ଓ ଦାୟିତ୍ୱ ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ। ଆଜି ଅନେକ ଲୋକ ନିଜର ତଥ୍ୟ କେଉଁଠି ଯାଉଛି, କିଏ ଦେଖୁଛି, କେତେଦିନ ରହୁଛି ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି—ତାହା ଜାଣନ୍ତି ନାହିଁ। ଏହି ଅଜ୍ଞତା ହିଁ ଆଗାମୀ ଦିନର ସବୁଠାରୁ ବଡ଼ ଦୁର୍ବଳତା ହୋଇପାରେ। ଏକ ଠକେଇକାରୀ ଯଦି କାହାର ବ୍ୟକ୍ତିଗତ ସୂଚନା ଜାଣିଯାଏ, ତେବେ ଠକେଇର ରୂପ ଆହୁରି ବିଶ୍ୱସନୀୟ ହୋଇପାରେ। ଜଣେ



ନାଗରିକଙ୍କ ଅନଲାଇନ୍ ଅଭ୍ୟାସ, ଆର୍ଥିକ ସାମର୍ଥ୍ୟ କିମ୍ବା ଦୈନନ୍ଦିନ ଚଳାଚଳ ସମ୍ପର୍କିତ ସୂଚନା ଅସତ୍ ହାତରେ ପଡ଼ିଲେ କ୍ଷତି କେବଳ ଟଙ୍କାରେ ସୀମିତ ରହିବ ନାହିଁ।

ତେଣୁ ସାଇବର ସୁରକ୍ଷାକୁ କେବଳ ପୁଲିସ କିମ୍ବା ପ୍ରଯୁକ୍ତି ବିଭାଗର କାମ ବୋଲି ଭାବିବା ଭୁଲ। ଏହା ପ୍ରତ୍ୟେକ ପରିବାରର ଦାୟିତ୍ୱ। ଓଡ଼ିଶା ପୁଲିସ ମଧ୍ୟ ସାଇବର ଠକେଇ ରୋକିବା, ଡିଜିଟାଲ ନିରୀକ୍ଷଣ ଓ ଆଧୁନିକ ଅନୁସନ୍ଧାନ ପ୍ରଣାଳୀକୁ ସୁଦୃଢ଼ କରିବା ଉପରେ ଜୋର୍ ଦେଇଛି। କିନ୍ତୁ ପ୍ରଯୁକ୍ତି ବଢ଼ିଲେ ମାତ୍ର ସୁରକ୍ଷା ଆସିବ ନାହିଁ। ଆବଶ୍ୟକ ହେଉଛି ଦାୟିତ୍ୱବୋଧ। ସରକାରୀ କାର୍ଯ୍ୟାଳୟରେ ନାଗରିକଙ୍କ ତଥ୍ୟ ସଂଗ୍ରହ ହେଉଥିଲେ ସେହି ତଥ୍ୟର ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଦରକାର। ଯେତିକି ତଥ୍ୟ ଆବଶ୍ୟକ, ସେତିକି ମାତ୍ର ସଂଗ୍ରହ ହେବା ଉଚିତ। ତଥ୍ୟ କିଏ ବ୍ୟବହାର କରିବ, କିଏ ଅନୁମତି ଦେବ, କେବେ ନଷ୍ଟ କରାଯିବ, ତଥ୍ୟ ଚୋରି ହେଲେ କାହାକୁ ଜଣାଯିବ—ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ରହିବା ଦରକାର। ଆଉ ଗୋଟିଏ ବଡ଼ ପ୍ରଶ୍ନ ହେଉଛି ଓଡ଼ିଆ ଭାଷା। ଯଦି ଆଗାମୀ ଡିଜିଟାଲ ଓଡ଼ିଶାରେ ତଥ୍ୟ ଓ ସେବା କେବଳ ଅନ୍ୟ ଭାଷାରେ ରହିଯାଏ, ତେବେ ଗ୍ରାମର ସାଧାରଣ ଲୋକ ଡିଜିଟାଲ ବିକାଶର ଦର୍ଶକ ହୋଇ ରହିଯିବେ। ଓଡ଼ିଆ ଭାଷାରେ ତଥ୍ୟଭଣ୍ଡାର, ସ୍ୱରଭିତ୍ତିକ ସେବା, ସହଜ ଭାଷାରେ ସରକାରୀ ସୂଚନା ଓ ନାଗରିକ ସହାୟତା ବଢ଼ିବା ଦରକାର। ରାଜ୍ୟ ନିଜ ନୀତିରେ ଓଡ଼ିଆ ଭାଷାକୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସହ ଯୋଡ଼ିବା ଦିଗରେ ଲକ୍ଷ୍ୟ ରଖିଛି। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ଜଣେ ଚାଷୀ ନିଜ ଭାଷାରେ ପାଣିପାଗ, ବଜାର ଓ ଫସଲ ସମ୍ପର୍କିତ ସୂଚନା ପାଇପାରିବେ; ଜଣେ ଛାତ୍ର ନିଜ ଭାଷାରେ ଶିକ୍ଷା ସହାୟତା ପାଇପାରିବେ; ଜଣେ ବୃଦ୍ଧ ଜଟିଳ ଆବେଦନ ପ୍ରକ୍ରିୟା ବିନା ସରକାରୀ ସେବା ବୁଝିପାରିବେ। ଏହା ହେବ ପ୍ରଯୁକ୍ତିର ପ୍ରକୃତ ଲୋକତନ୍ତ୍ରୀକରଣ। ତଥ୍ୟ ନୂଆ ଶକ୍ତି ହେବ, କିନ୍ତୁ ଏହି ଶକ୍ତି କାହା ହାତରେ ରହିବ ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ। ତଥ୍ୟ ଯଦି ଲୋକଙ୍କ ସେବାରେ ବ୍ୟବହୃତ ହୁଏ, ତେବେ ଏହା ଓଡ଼ିଶାକୁ ଅଧିକ ସୁଦୃଢ଼ କରିବ; ଯଦି ଅସ୍ପଷ୍ଟତା, ଅବହେଳା କିମ୍ବା ଅସତ୍ ବ୍ୟବହାରର ଶିକାର ହୁଏ, ତେବେ ସେହି ତଥ୍ୟ ନିଜେ ବିପଦର କାରଣ ହେବ। ତେଣୁ ଆଗାମୀ ଓଡ଼ିଶାର ପ୍ରତିଯୋଗିତା କେବଳ ଶିଳ୍ପ, ଖଣି କିମ୍ବା ପୁଞ୍ଜିରେ ନୁହେଁ; ନିର୍ଭରଯୋଗ୍ୟ ତଥ୍ୟ, ଦକ୍ଷ ମାନବସମ୍ପଦ, ସୁରକ୍ଷିତ ପ୍ରଯୁକ୍ତି ଓ ନାଗରିକ ବିଶ୍ୱାସରେ ହେବ। ଯେଉଁ ରାଜ୍ୟ ତଥ୍ୟକୁ ସୁରକ୍ଷା ଦେଇପାରିବ, ତଥ୍ୟକୁ ସଠିକ୍ ଭାବେ ବୁଝିପାରିବ ଏବଂ ତଥ୍ୟର ଲାଭକୁ ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚାଇପାରିବ, ସେହି ରାଜ୍ୟ ଆଗାମୀ ଦଶକରେ ନୂଆ ଅର୍ଥନୀତିର ନେତୃତ୍ୱ ନେବ।

ଓଡ଼ିଶା ଏବେ ସେହି ମୋଡ଼ରେ ଠିଆ ହୋଇଛି। ଆମେ ଯଦି ଆଜିଠାରୁ ନିଜ ତଥ୍ୟର ମୂଲ୍ୟ ବୁଝିବା, ଶିଶୁମାନଙ୍କୁ ଡିଜିଟାଲ ସଚେତନତା ଶିଖାଇବା, ସରକାରୀ ବ୍ୟବସ୍ଥାରେ ଦୃଢ଼ ସୁରକ୍ଷା ଗଢ଼ିବା, ଓଡ଼ିଆ ଭାଷାରେ ଡିଜିଟାଲ ସାମର୍ଥ୍ୟ ବଢ଼ାଇବା ଏବଂ ତଥ୍ୟ ବ୍ୟବହାରରେ ଜବାବଦେହିତା ନିଶ୍ଚିତ କରିବା, ତେବେ ଏହି ଅଦୃଶ୍ୟ ସମ୍ପଦ ଓଡ଼ିଶାର ଦୃଶ୍ୟମାନ ବିକାଶର ନୂଆ ଭିତ୍ତି ହୋଇପାରିବ। ଆଗାମୀ ଯୁଦ୍ଧରେ ତଲୱାର ନ ଥିବ, ସୀମାରେଖା ନ ଥିବ, ବନ୍ଧୁକ ନ ଥିବ; ଥିବ ତଥ୍ୟ, ଜ୍ଞାନ, ପ୍ରଯୁକ୍ତି ଓ ବିଶ୍ୱାସ। ତେଣୁ ଆଜି ଓଡ଼ିଶାକୁ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ହେବ—ଆମେ କେବଳ ଡିଜିଟାଲ ଓଡ଼ିଶା ଗଢ଼ିବୁ, ନା ସୁରକ୍ଷିତ, ସଚେତନ ଓ ନାଗରିକକେନ୍ଦ୍ରିକ ଡିଜିଟାଲ ଓଡ଼ିଶା ଗଢ଼ିବୁ? ଏହି ଉତ୍ତର ହିଁ ନିର୍ଣ୍ଣୟ କରିବ ଆଗାମୀ ଓଡ଼ିଶାର ପ୍ରକୃତ ଶକ୍ତି।

ମୋ: ୯୪୩୭୯୯୪୩୭୯

04...10.2026.pmd 1 9/21/2026, 6:13 AM

## ଗାନ୍ଧୀ ଜୟନ୍ତୀରେ ବସ୍ତ୍ର ଓ ପୁସ୍ତକ ବାଣ୍ଟିଲେ ବିଧାୟକ

ନିଆଳି,୩।୧୦(ନିପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ସ୍ଥାନୀୟ ବୃନ୍ଦାବନ ଆଶ୍ରମ ଠାରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଆଶ୍ରମର ଅନ୍ତେବାସୀ ମାନଙ୍କ ସହିତ ସମୟ ବିତାଇବା ସହ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ ଏବଂ ଆଶ୍ରମର ଛୋଟଛୋଟ ସମସ୍ୟା ଓ ଆବଶ୍ୟକତା ସଂପର୍କରେ ବିଧାୟକ ଶ୍ରୀ ମଲ୍ଲିକ ଆଶ୍ରମର ସଂପାଦକ ସୁଦାମ ସାମଲଙ୍କ ସହ ଆଲୋଚନା କରି ସେସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଆଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଏଥିସହ ଅନୁଷ୍ଠାନର ସହଯୋଗରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ଆଦି ପ୍ରଦାନ କରିଥିଲେ। ଏହାପରେ ବିଧାୟକ ଶ୍ରୀ ମଲ୍ଲିକ ନିଆଳି ବ୍ଲକ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗାନ୍ଧୀଙ୍କର ସ୍ମୃତିଚାରଣ କରିଥିଲେ।

## ରକ୍ତଦାନ ଭଳି ମହତ ସେବା କାର୍ଯ୍ୟରେ ଯୁବପିଢ଼ି ଓ ସାଧାରଣ ଲୋକ ସାମିଲ ହେବା ଆବଶ୍ୟକ

ଧର୍ମଗଡ଼,୩।୧୦(ନିପ୍ର):ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବିଜେପି ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ' ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆବଶ୍ୟକ ସମୟରେ ରକ୍ତ ଯୋଗାଣ କରି ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ଦଳୀୟ କର୍ମକର୍ତ୍ତା, ଯୁବକ ଓ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।ଏହି ଅବସରରେ ଧର୍ମଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଭଳି ମହତ ସେବା କାର୍ଯ୍ୟରେ ସମାଜର ଅଧିକରୁ ଅଧିକ ଯୁବପିଢ଼ି ଓ ସାଧାରଣ ଲୋକ ସାମିଲ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଜରୁରୀ ସମୟରେ ରକ୍ତର ଅଭାବ ଯେପରି କାହାର ଜୀବନ ପାଇଁ ବାଧକ ନହୁଏ, ସେଥିପାଇଁ ନିୟମିତ ରକ୍ତଦାନର ଆବଶ୍ୟକତା ରହିଛି ବୋଲି ମଧ୍ୟ ସେ କହିଥିଲେ। ଏହି ଶିବିର ରେ ମୋଟ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଲ୍ୟାବ୍ ଟେକ୍ନିସିଆନ୍ ଗଜାନନ ବେହେରା, ଅକୁଳ ବିଶୋଇ, ଭରତ କାଣ୍ଡ ଓ ଡମ୍ବରୁଧର ମେହେର ରକ୍ତ ସଂଗ୍ରହ କରିଥିଲେ।

## ଭିଏତନାମରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସନ୍ଦର୍ଭ ଉପସ୍ଥାପିତ

ଭବାନୀପାଟଣା, ୩/୧୦ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଭିଏତନାମର ହାନୋଇସ୍ଥିତ 'ହାନୋଇ ଇଣ୍ଡଷ୍ଟ୍ରିଏଲ ଏଣ୍ଡ ଟ୍ରେଡ ବିଶ୍ୱବିଦ୍ୟାଳୟ' ଶିକ୍ଷା ଓ ତାଲିମ ମନ୍ତ୍ରଣାଳୟ ଭିଏତନାମରେ ନିଜ ସନ୍ଦର୍ଭ ଗ୍ରାମାଞ୍ଚଳ ଆୟବୃଦ୍ଧି ପାଇଁ ପାରମ୍ପରିକ ଜ୍ଞାନ କୌଶଳର ବ୍ୟବହାର ଶୀର୍ଷକ ଉପସ୍ଥାପିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ଆଲୋଚନା ଚକ୍ରରେ ସଭାପତି ଭାବେ




ପ୍ରଫେସର ସନ୍ଦୀପ କର, ରେକ୍ଟର ହାନୋଇ ହୋଆଙ୍ଗ ହୁଆନ ହିପ, ଜର୍ମାନୀର ଗୀରହାର୍ଡ ପିଟର, ମାଲାୟସିଆ ଗୀତା ସୁବ୍ରମନ୍ୟମ୍, ନିଉଜିଲ୍ୟାଣ୍ଡର ଜୁଲିଆ ହେନସେ, ନେମପେ କାମ୍ବୋଡିଆର ଫାଲଜି ହେପ, ଜର୍ମାନୀର ଇଚକାର୍ଡ କୋଚ, ଦେବୀ ପ୍ରସାଦ ମିଶ୍ର, ଡ. ସୀମା ସିଂହ, ଡ଼ ଜୟଶ୍ରୀ ବାଳା ମଲ୍ଲିକ, ଡ଼ ସଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅନ୍ତର୍ଜାତୀୟ ଆଲୋଚନା ଚକ୍ରରେ ସମୁଦାୟ ୧୫ ଗୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇ ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ।

## ସ୍କୁଲ ଗାଡ଼ି ଓଲଟି ୧୫ ଛାତ୍ରଛାତ୍ରୀ ଆହାତ

ଚଣ୍ଡୀଖୋଲ/ବଡ଼ଚଣା,୩।୧୦(ନିପ୍ର):ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଏକ ସ୍କୁଲ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଆଜି ସକାଳ ପ୍ରାୟ ୮ଘଟିକା ସମୟରେ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଯାଉଥିବା ବେଳେ ଧାନମଣ୍ଡଳ ଜି.ଆଇ.ଇ.ଟି. କଲେଜ ନିକଟରେ ଗାଡ଼ିଟି ଭାରସାମ୍ୟ



ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ସମସ୍ତ ୧୫ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ଉଦ୍ଧାର କରିବା ସହ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସୌଭାଗ୍ୟବଶତଃ, ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଓ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସ୍କୁଲର ଅଧ୍ୟକ୍ଷ ପଦ୍ମନାଭ ରଥ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି। ସ୍ଥାନୀୟ ଲୋକଙ୍କ ତୁରନ୍ତ ସାହାଯ୍ୟ ଓ ସହଯୋଗ ଯୋଗୁଁ ଆଜି ଏକ ବଡ଼ ଧରଣର ଦୁର୍ଘଟଣାରୁ ପିଲାମାନେ ବର୍ତ୍ତି ଯାଇଛନ୍ତି।

## ପଞ୍ଚାୟତରେ ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ସଚେତନତା

ଭଦ୍ରକ,୩।୧୦ (ନିପ୍ର); ଭଦ୍ରକ ଜିଲ୍ଲାର ୭ଟି ବ୍ଲକର ୭ଟି ଗ୍ରାମ ପଞ୍ଚାୟତରେ ଶିଶୁ ଶ୍ରମ ପ୍ରଥା ଉଚ୍ଛେଦ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବାସୁଦେବପୁରବ୍ଲକରଲୁଙ୍ଗାପଞ୍ଚାୟତ,ଚାନ୍ଦବାଲିର ମଟୋ , ଭଣ୍ଡାରିପୋଖରୀର ନେରଡା,ଭଦ୍ରକର ଖଣ୍ଡାତଡା ,ବନ୍ତର ଗଣିଜଙ୍ଗ, ଧାମନଗରର ଦଳଙ୍ଗ ଓ ତିହିଡି ବ୍ଲକର ମଙ୍ଗଳପୁର ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଲ୍ଲୀସଭାରେ ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ, ପିଆରଆଇ ସଦସ୍ୟ, ସାଧାରଣ ଜନତାର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଛି। ଏହାସହ ଶିଶୁ ଶ୍ରମମୁକ୍ତ ସମାଜ ପାଇଁ ପଦଯାତ୍ରା କରାଯାଇଛି।

# ଭୂମିହୀନଙ୍କୁ ମିଳୁନି ମୌଳିକ ସୁବିଧା
# ଭାର୍ଗବୀ ନଦୀକୂଳ ପଲିଥିନ କୁଡ଼ିଆରେ ବିତୁଛି ଜୀବନ !

ବଳଙ୍ଗା,୩।୧୦(ନିପ୍ର): ଦେଶ ସ୍ୱାଧୀନତା ଠାରୁ ଆଜିପର୍ଯ୍ୟନ୍ତ ବହୁ ଭୂମିହୀନଙ୍କୁ ମିଳୁନି ମୌଳିକ ସୁବିଧା। ନା ମିଳୁଛି ସରକାରୀ ବୃତ୍ତି , ବିଜୁଳି , ପାନୀୟ ଜଳ ଅବା ପକ୍କାଘର, କେବଳ ରହିଅଛି ଭଙ୍ଗା ପଲିଥିନ କୁଡ଼ିଆ। ସେହିଥିରେ ହିଁ କାଟୁଛନ୍ତି ଜୀବନ। ଯଦିବା କୌଣସି ସୁବିଧା ନାହିଁ ସେମାନେ ନିଜର କୁଡ଼ିଆକୁ ରାଜ ମହଲ ଭଳି ଆପେଣେଇ ନେଇ ଛନ୍ତି। ଦିନରେ ସୂର୍ଯ୍ୟଙ୍କ ଆଲୋକ ଥିବା ବେଳେ ରାତ୍ରିରେ ଚନ୍ଦ୍ରଙ୍କ ଆଲୋକରେ ଚଳାଚଳ କରୁଛନ୍ତି। ପାନୀୟ ଜଳ ସୁବିଧା ନଥିବା ବେଳେ ଅନେକ ଦୂରରୁ ମୁଣ୍ଡରେ ପାଣି ହାଣ୍ଡି ଧରି ଆସୁ ଥିବା ଦୃଶ୍ୟ ଦେଖିବାକୁ ମିଳି ଅଛି । ଯାହାକି ଭୂମିହୀନମାନଙ୍କ ପ୍ରତି କୌଣସି ସୁବିଧା ସହାୟତା ନଥିବା ଦେଖିବାକୁ ମିଳି ଅଛି। ଏମାନେ ବିଧାୟକ, ସାଂସଦ, ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ୱାର୍ଡ ସଭ୍ୟ ପଦ ପାଇଁ ବହୁତ ଆଶ୍ୱାସନା ମିଳି ଥାଏ। ଭୋଟ ଖଣ୍ଡେ ଦେଇଦେବା ପରେ କାର୍ଯ୍ୟକାଳ ସମୟ ଶେଷ ପର୍ଯ୍ୟନ୍ତ ଏମାନଙ୍କ କଥା କିଏବା ପଚାରେ। ଶେଷରେ ଭୂମିହୀନ ମାନେ ମଥାରେ ହାତ ଦେଇ ଘରେ ବସିବା ବ୍ୟତୀତ ଏମାନଙ୍କର ଆଉ କିଛି ମାର୍ଗ ନ ଥାଏ। ଜୀବନ ବଞ୍ଚାଇବା ପାଇଁ ନିଜନିଜର ପରିବାର ପ୍ରତି ପୋଷଣ ନିମନ୍ତେ ପିଲା ଛୁଆଙ୍କୁ ଧରି ପାର୍ଶ୍ୱ ଗ୍ରାମ ଓ ଅଞ୍ଚଳ ମାନଙ୍କରେ ଭିକ୍ଷା ବୃତ୍ତି କରି ଚଳୁ ଥିବା ଅଧିକାଂଶ କହିଛନ୍ତି। ଏଭଳି ସମସ୍ୟା



ଦେଖିବାକୁ ମିଳି ଅଛି ବଳଙ୍ଗା ଥାନା ଅଞ୍ଚଳ ସରସ୍ୱତୀପୁର ପଞ୍ଚାୟତ ଦକ୍ଷିଣସାହି ଗାଁମୁଣ୍ଡ ଭାର୍ଗବୀ ନଦୀର ଡାହାଣ ପାର୍ଶ୍ୱ ବନ୍ଧ ଠାରେ। ୫/୬ ଗୋଟି ଭୂମିହୀନ ପରିବାର ଦୀର୍ଘ ୫୦ ବର୍ଷ ଧରି ନଦୀ ବନ୍ଧ ପାର୍ଶ୍ୱରେ ପଡି ରହି ଛନ୍ତି। ଏମାନଙ୍କୁ ସରକାରୀ ଜାଗା ଯୋଗାଇ ଦିଆଯାଉଛି ନା ଆଉକିଛି ସରକାରୀ ସହାୟତା ଯୋଗାଇ ଦିଆଯାଉଛି ? ଏହି ଭଭୂମିହୀନ ମାନେ ହେଲେ ପ୍ରଫୁଲ୍ଲ ଶବର, ତୋଫାନ ଶବର, ବୁଲୁ ଶବର, ଶ୍ରୀତମ ଶବର। ଏମାନଙ୍କୁ ପାଞ୍ଚ ବର୍ଷ ପୂର୍ବରୁ ପିପିଲି ତହସିଲ ପ୍ରଶାସନ ଅଣ୍ଟା ଭିଡି ଅଞ୍ଚଳରେ ସରକାରୀ ଜାଗା ଯୋଗାଇ ଦେବାକୁ ପ୍ରସ୍ତୁତ ଥିଲା। ଏହାରି ମଧ୍ୟରେ ତହସିଲ ପ୍ରଶାସନ କୌଣସି କାରଣ ବଶତଃ ଏମାନଙ୍କ ପାଇଁ ହଠାତ ନିରବ ରହି ଗଲା ତାହାକୁ ନେଇ ଅନେକ ପ୍ରଶ୍ନ ଆଣିଛନ୍ତି ଭୂମିହୀନ ମାନେ। ଏଭଳି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ନଜର ଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ସହରକୁ ସ୍ୱଚ୍ଛ ରଖିବାକୁ ଶିକ୍ଷାର୍ଥୀଙ୍କ ଶପଥ ପାଠ

ହିଞ୍ଜିଳିକାଟୁ,୩।୧୦(ନିପ୍ର):ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୬ ତମ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଶୁକ୍ରବାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳନ କରାଯାଇଛି । ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଶିକ୍ଷାର୍ଥୀ ମାନେ ସ୍ୱଚ୍ଛତା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ନଗର ପରିକ୍ରମା କରିବା ସହ ଜନସଚେତନତା ସୃଷ୍ଟି କରିଥିଲେ । ପରେ ବିଦ୍ୟାଳୟ ପରିସରରେ ସଭାର ଆୟୋଜନ କରାଯାଇ ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁର ସଂଗ୍ରହ ଓ ପୃଥକୀକରଣ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ନିଷିଦ୍ଧ ହୋଇଥିବା ଏକକ ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର ଏବଂ ଏହାର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାର୍ଥୀମାନେ ସହର ଓ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗ୍ରାମଦେବତୀ ସାହିର ଓସ୍ତ ବନ୍ଧ ସଫେଇ ଦାବିରେ ଆନ୍ଦୋଳନ

ହିଞ୍ଜିଳିକାଟୁ,୩।୧୦ (ନିପ୍ର); ଗ୍ରାମଦେବତୀ ସାହିରେ ଥିବା ଓସ୍ତ ବନ୍ଧର ସଫେଇ ଓ ପୁନରୁଦ୍ଧାର ପାଇଁ ବାରମ୍ବାର ନିବେଦନ ସତ୍ତ୍ୱେ ସ୍ଥାନୀୟ ସରପଞ୍ଚ ଏବଂ ପଞ୍ଚାୟତ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଗ୍ରାମବାସୀ ବାଧ୍ୟ ହୋଇ ରାସ୍ତାରୋକ କରିଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଭଳି ଏକ ପବିତ୍ର ଦିବସରେ ଗ୍ରାମବାସୀ ମୁଖ୍ୟ ରାସ୍ତା ଅବରୋଧ କରି ନିଜର ଆକ୍ରୋଶ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମଦେବତୀ ସାହି ଓସ୍ତ ବନ୍ଧଟି ଦୀର୍ଘ ଦିନ ହେବ ପଙ୍କ, ଦଳ ଓ କଚଡ଼ାରେ ପୂର୍ଣ୍ଣ ହୋଇ ପଡ଼ିରହିଛି। ଏହି ବନ୍ଧର ଜଳ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବା ବେଳେ ଏହା ଦ୍ୱାରା ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧ ବ୍ୟାପୁଛି ଏବଂ ମଶା ବଂଶବୃଦ୍ଧି ଘଟୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସାହିବାସୀ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅନେକ ଥର ମୌଖିକ ଅଭିଯୋଗ କରିଥିଲେ। ମାତ୍ର ସରପଞ୍ଚ କେବଳ ପ୍ରତିଶ୍ରୁତି ଦେଇ କାର୍ଯ୍ୟକୁ ଏଡ଼ାଇ ଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଆଜି ସକାଳୁ ଗ୍ରାମବାସୀ ଏକତ୍ରିତ ହୋଇ ମୁଖ୍ୟ ରାସ୍ତାରେ କାଠ ଗୋଡ଼ି ପକାଇ ଆନ୍ଦୋଳନରେ ବସିଥିଲେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶସାରା ସ୍ୱଚ୍ଛତା ଅଭିଯାନ ଚାଲିଥିବା ବେଳେ,



ବୁରୁପଡ଼ା ପଞ୍ଚାୟତର ଏଭଳି ଅବହେଳା ଯୋଗୁଁ ରାସ୍ତା ଅବରୋଧ ପରି ପରିସ୍ଥିତି ସୃଷ୍ଟି ହେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ରାସ୍ତା ରୋକ ଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।ସୂଚନା ପାଇ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଅତି ଶୀଘ୍ର ବନ୍ଧ ସଫେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯଦି ଶୀଘ୍ର କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କାକଟପୁର ପୁଲିସ ପକ୍ଷରୁ ମେଗା ରକ୍ତଦାନ ଶିବିର
## ୧୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ସଂଗ୍ରହ

କାକଟପୁର,୩।୧୦(ନିପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କାକଟପୁର ଥାନା ପରିସରରେ କାକଟପୁର ପୋଲିସ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିର ଉତ୍ସାହ ଓ ମାନବିକତାର ପରିବେଶ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ପ୍ରତି ସାଧାରଣରେ ସଚେତନତା ସୃଷ୍ଟି ସହ 'ମାନବ ସେବା ହିଁ ମାଧବ ସେବା'ର ବାର୍ତ୍ତା




ପ୍ରସାରିତ ହୋଇଛି। ଶିବିରକୁ ପୁରୀ ଏସ୍‌ପି ପ୍ରତୀକ ସିଂହ ପ୍ରଥମେ ମା ମଙ୍ଗଳାଙ୍କୁ ଦର୍ଶନ କରିବା ପରେ ମେଗା ରକ୍ତଦାନ ଶିବିର କୁ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏଭଳି ମାନବିକ ପଦକ୍ଷେପ ପାଇଁ କାକଟପୁର ପୋଲିସର ପ୍ରୟାସକୁ ପ୍ରଶଂସା କରିଥିଲେ। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱ ଓ ସୁଚାରୁ ସମନ୍ୱୟରେ ଶିବିରଟି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଆଇଆଇସି ଶ୍ରୀ ସାହୁ ନିଜେ ରକ୍ତଦାନ କରି ରକ୍ତଦାନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିବା ସହ 'ପୁଲିସ ଫର ପିପୁଲ'ର ମାନବିକ ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲେ। ଏହି ଅବସରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା, କାକଟପୁର ପୋଲିସର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ ପୋଲିସ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି। ଗାନ୍ଧୀଜୀଙ୍କ ଅହିଂସା, ସେବା ଓ ମାନବିକତାର ଆଦର୍ଶକୁ ସ୍ମରଣ କରି ଆୟୋଜିତ ଏହି ରକ୍ତଦାନ ଶିବିର ସମାଜ ପ୍ରତି ପୋଲିସର ଦାୟିତ୍ୱବୋଧ ଓ ମାନବିକ ଚିନ୍ତାଧାରାର ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଛି।

## କଲ୍ୟାଣ ମଣ୍ଡପ ପାଇଁ ଗଛକଟା ! ବୈଦ୍ୟେଶ୍ୱରରେ ତେଜିଲା ବିରୋଧ

ବାଙ୍କୀ,୩।୧୦ (ନିପ୍ର); ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ପୂର୍ବରୁ ହିଁ ତେଜିଲା ବିବାଦ। ଶାସନ ସାହି ସମ୍ମୁଖ ମାଳିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ବୈଦେଶ୍ୱର କଲ୍ୟାଣ ମଣ୍ଡପ ସ୍ଥାନ ଚିହ୍ନଟକୁ ନେଇ ତୀବ୍ର ହେଲା ଜନ ଅସନ୍ତୋଷ ଏବଂ ସାମ୍ବାଦିକ ସମ୍ମିଳନୀରେ ବିରୋଧ କରାଯାଇଛି।

ବାଙ୍କୀର ପୂର୍ବତନ ବିଧାୟକ ଡ଼ଃ ଦେବାଶିଷ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବୈଦ୍ୟେଶ୍ୱର ପଞ୍ଚାୟତ ଯୁବ କଂଗ୍ରେସ କର୍ମୀ ପ୍ରଶାନ୍ତ ସାହୁ, ପୂର୍ବତନ ସରପଞ୍ଚ ଉଦ୍ଧବ ବେହେରା, ଇଚ୍ଛାପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ସୁବାସ ମଲ୍ଲିକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଦୃଢ ବିରୋଧ କରିଥିଲେ। ଅଭିଯୋଗ ହେଉଛି, ବିଦ୍ୟାଳୟ ସାମ୍ନାରେ, ଜନବସତି ଭିତରେ ଏବଂ ପ୍ରାୟ ୧୦ଟି ପରିବାରର ଘର ନିକଟରେ କଲ୍ୟାଣମଣ୍ଡପ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି । ଏତିକିରେ ଶେଷ ନୁହେଁ।



ପ୍ରସ୍ତାବିତ ସ୍ଥାନରେ ଫଳନ୍ତି ଗଛ କଟାଯିବା ପରେ ଆହୁରି ତାତିଛି ଅସନ୍ତୋଷ। ସାହିବାସୀଙ୍କ ପ୍ରଶ୍ନ— ବିଦ୍ୟାଳୟ ନିକଟରେ କାହିଁକି କଲ୍ୟାଣମଣ୍ଡପ ? ଘରଦ୍ୱାର ନିକଟରେ କାହିଁକି ସ୍ଥାନ ଚିହ୍ନଟ ? ଫଳନ୍ତି ଗଛ କାଟିବାର ଆବଶ୍ୟକତା କଣ ? ଲୋକଙ୍କ ଦାବି— ସ୍ଥାନ ବଦଳାଅ, ବିକଳ୍ପ ଜାଗାରେ କଲ୍ୟାଣମଣ୍ଡପ କର। ତେବେ ପ୍ରଶାସନ ଶୁଣିବ କି ଲୋକଙ୍କ କଥା ? ନା ଆପତ୍ତି ସତ୍ତ୍ୱେ ଏହି ସ୍ଥାନରେ ହିଁ ଆଗେଇବ ନିର୍ମାଣ ? ବୈଦେଶ୍ୱରରେ କଲ୍ୟାଣମଣ୍ଡପକୁ ନେଇ ବିବାଦ ଏବେ କେଉଁ ମୋଡ଼ ନେଉଛି— ତା' ଉପରେ ସମସ୍ତଙ୍କ ନଜର। ଏ ସମ୍ପର୍କ ରେ ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ସେ କହିଲେ ବିଦ୍ୟାଳୟ ବନ୍ଦ ହୋଇ ଯାଇ ଥିବାରୁ ଗାଁର ୮୦ଭାଗ ଲୋକ ଉକ୍ତ ସ୍ଥାନରେ କଲ୍ୟାଣ ମଣ୍ଡପ କରିବାକୁ ଆଗତ କରିଛନ୍ତି ତେଣୁ ଏକ ପ୍ରକାର ନିଶ୍ଚିତ କଲ୍ୟାଣ ମଣ୍ଡପ କରାଯିବ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ

ହିଞ୍ଜିଳିକାଟୁ,୩।୧୦ (ନିପ୍ର): ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଗାନ୍ଧୀ ଜୟନ୍ତୀ ଠାରୁ ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ବିଜେଡି ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଇଛି। ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ ମାନେ ବିଜୁ ପଟ୍ଟନାୟକ ଛକରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ଓ ବିଜୁବାବୁ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଆଗାମୀ ଦିନରେ ଦଳ ପକ୍ଷରୁ ସ୍ଥାନୀୟ ପୌରାଞ୍ଚଳ ସମେତ ହିଞ୍ଜିଳିକାଟୁ ଓ ଶେରଗଡ ବ୍ଲକର ସମସ୍ତ ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଆୟୋଜନ କରାଯିବା ସହ ଜନ ସାଧାରଣଙ୍କୁ ବିଜେଡି ଶାସନ ସମୟରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ଆଗାମୀ ଦିନରେ ଦଳକୁ ଅଧିକ ଶକ୍ତିଶାଳୀ କରାଯିବା ସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଯିବ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ଶାସନ କ୍ଷମତାକୁ ଆସିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବ ବୋଲି ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ବିଧାୟକଙ୍କ ପୌର ପ୍ରତିନିଧି ପ୍ୟାରୀମୋହନ ପାଢ଼ି, ଯୁବନେତା ଅଜୟ କୁମାର ମହାରଣା, କାଉନସିଲର ସରୋଜ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଚାରମାଲ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ଶିବିର: ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବିତରଣ

ରେଢ଼ାଖୋଲ,୩।୧୦ (ନିପ୍ର): ଭାରତ ସରକାରଙ୍କ 'ସେବା ପାଖୱାଡା' କାର୍ଯ୍ୟକ୍ରମ ଅନ୍ତର୍ଗତ ମେରା ଯୁବା ଭାରତ ସମ୍ବଲପୁର ଏବଂ ବୀର ସୁରେନ୍ଦ୍ର ସାଏ କୃଷକ କ୍ଲବ, ମେଶୁଆପଲିର ମିଳିତ ଆନୁକୂଲ୍ୟରେ ଚାରମାଲ ସ୍ଥିତ ବୃଦ୍ଧାଶ୍ରମରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଫାର୍ମାସିଷ୍ଟ ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ମାଗଣାରେ ବିଭିନ୍ନ ପ୍ରକାର ଔଷଧ ପ୍ରଦାନ କରାଯାଇଥିଲା। ବୃଦ୍ଧାବସ୍ଥାରେ ଏଭଳି ସ୍ୱାସ୍ଥ୍ୟ ଯତ୍ନ ଓ ସେବା ପାଇଁ ଅନ୍ତେବାସୀମାନେ ବେଶ୍ ସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଚାରମାଲ ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ଡାଇରେକ୍ଟର ବିନୟ ଲେଙ୍କା, ଲଖିଆ ପ୍ରଧାନ, ଉର୍ବଶୀ ଜଗଦଳା ଏବଂ ଡୋଳାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିବା ସହ ଅତିଥି ଭାବେ ଯୋଗଦାନ ଦେଇଥିଲେ।

# ଠିକା କର୍ମଚାରୀଙ୍କ ସମସ୍ୟା ନେଇ ବିଧାୟକଙ୍କୁ ଗୁହାରି
# ଟିପିଏସଓଡିଏଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ

ପାରଳାଖେମୁଣ୍ଡି,୩।୧୦ (ନିପ୍ର); ଟିପିଏସଓଡିଏଲ ଅଧୀନରେ କାର୍ଯ୍ୟରତ କିଛି ଠିକା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କୁ ଅଭିଯୋଗ କରାଯାଇଛି। ନିଯୁକ୍ତି ପ୍ରକ୍ରିୟା, କାର୍ଯ୍ୟ ବଣ୍ଟନ, ପାରିଶ୍ରମିକ ପ୍ରଦାନ, କାର୍ଯ୍ୟ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଠିକା କର୍ମଚାରୀମାନେ ବିଧାୟକଙ୍କୁ ଅବଗତ କରାଇଛନ୍ତି।

ଅଭିଯୋଗକାରୀମାନେ ବିଧାୟକଙ୍କ ସମ୍ମୁଖରେ ନିଜ ନିଜ ସମସ୍ୟା ଉପସ୍ଥାପନ କରି ଏହାର ନ୍ୟାୟସଙ୍ଗତ ସମାଧାନ ପାଇଁ ଗୁହାରି ଜଣାଇଥିଲେ। ସମସ୍ୟାଗୁଡ଼ିକ ଶୁଣିବା ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ ଏ ସମ୍ପର୍କରେ ଆବଶ୍ୟକ ସ୍ତରରେ ଅବଗତ କରାଇବା ସହ ସମାଧାନ ପାଇଁ ଉଚିତ ପଦକ୍ଷେପ ନେବା ନେଇ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ଅଭିଯୋଗରେ ଠିକା କର୍ମଚାରୀଙ୍କ ନେଇ ପ୍ରଶ୍ନ ଉଠାଯାଇଛି। ଦୀର୍ଘଦିନ ଧରି ବିଦ୍ୟୁତ ବିଭାଗ ଓଟିପିଏସଓଡ଼ିଏଲ ସହ ଜଡ଼ିତ ବିଭିନ୍ନ



ନିଯୁକ୍ତି, କାର୍ଯ୍ୟ ବଣ୍ଟନ, ଦରମା ଓ ପାରିଶ୍ରମିକ ପ୍ରଦାନ, କାର୍ଯ୍ୟ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା କାର୍ଯ୍ୟରେ ଠିକା କର୍ମଚାରୀମାନେ କାମ କରୁଥିଲେ ମଧ୍ୟ ସେମାନଙ୍କ ଅଧିକାର ଓ ସୁବିଧାକୁ ନେଇ ଅସ୍ପଷ୍ଟତା ରହିଥିବା ଅଭିଯୋଗକାରୀମାନେ କହିଛନ୍ତି। ଏହାସହ ଦୀର୍ଘଦିନ ଧରି କାର୍ଯ୍ୟରତ କିଛି ଠିକା କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି।

ଛଟେଇ ହୋଇଥିବା କର୍ମଚାରୀମାନେ ନିଜ ପରିବାରର ଭରଣପୋଷଣ କିପରି କରିବେ, ଏହାକୁ ନେଇ ଚିନ୍ତା ପ୍ରକାଶ କରାଯାଇଛି। ଯଥାସମ୍ଭବ ନିୟମନୁସାରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। କିଛି ଠିକା ସଂସ୍ଥା ଓ କର୍ମଚାରୀଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ ଏବଂ ପାରିଶ୍ରମିକ ପ୍ରଦାନରେ ଅନିୟମିତତା ଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଏହି ଅଭିଯୋଗଗୁଡ଼ିକର ନିରପେକ୍ଷ ଯାଞ୍ଚ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ନିୟମାନୁସାରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ବିଧାୟକଙ୍କୁ ଅବଗତ କରାଇବା ପରେ ଅଭିଯୋଗକାରୀମାନେ ସମ୍ପୃକ୍ତ ଟିପିଏସଓଡ଼ିଏଲ ଡିଭିଜନ୍ କାର୍ଯ୍ୟାଳୟକୁ ଯାଇ ଏକ ଲିଖିତ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ଅଭିଯୋଗପତ୍ରରେ ବହୁ ଠିକା କର୍ମଚାରୀ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାକ୍ଷର ଥିବା ଜଣାପଡ଼ିଛି। ଠିକା କର୍ମଚାରୀମାନଙ୍କ ନ୍ୟାୟସଙ୍ଗତ ଦାବି ଓ ସମସ୍ୟାର ସମାଧାନ ପାଇଁ ବିଧାୟକଙ୍କ ହସ୍ତକ୍ଷେପ ନେଇ ଅଭିଯୋଗକାରୀମାନେ ଆଶା ପ୍ରକାଶ କରିଛନ୍ତି। ଏବେ ଟିପିଏସଓଡିଏଲ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପାକିସ୍ତାନ-ଚୀନ୍ ସମ୍ପର୍କକୁ ନେଇ ଚିନ୍ତା ବ୍ୟକ୍ତକଲେ ବାୟୁସେନା ମୁଖ୍ୟ

# ପଞ୍ଚମ ପିଢ଼ିର ଫାଇଟର ଜେଟ୍ ଏବେ ଜରୁରି



ନୂଆଦିଲ୍ଲୀ,୩।୧୦: ଭାରତୀୟ ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂହ ଶନିବାର କହିଛନ୍ତି ଯେ ପଞ୍ଚମ ପିଢୀ ଯୁଦ୍ଧ ବିମାନ ନିର୍ମାଣ ପାଇଁ ପାକିସ୍ତାନ ଓ ଚୀନ ମଧ୍ୟରେ ସହଯୋଗ ଭାରତ ଲାଗି ଚିନ୍ତାର ବିଷୟ। ଏୟାର ମାର୍ଶଲ ସିଂହ କହିଛନ୍ତି ଯେ ଏବେ ଆଇଏଏଫକୁ ଏହି ବିପଦର ସମ୍ମୁଖୀନ ହେବାକୁ ପଡିପାରେ। ତେବେ ଭାରତକୁ ଖୁବ୍ ଶୀଘ୍ର ପଞ୍ଚମ ପିଢୀର ବିମାନ ସାମିଲ କରିବାକୁ ପଡିବ। ସେ କହିଛନ୍ତି ଯେ ଏହା ଚିନ୍ତାର ବିଷୟ ନିଃସନ୍ଦେହ କୁହାଯାଇପାରେ, ହେଲେ ଏହା ମାନେ ନୁହେଁ ଯେ ଆମେ ମୁକାବିଲା କରି ପାରିବୁନି। ଆମପାଖରେ କ୍ଷମତା ଅଛି, ଏପରି ନୁହେଁ କି ଏକ ପ୍ଲାଟଫର୍ମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଅସଲ କଥା ହେଉଛି ପ୍ଲାଟଫର୍ମକୁ ଆମ ପ୍ରଣାଳୀରେ ସାମିଲ କରିବା। ଗତ ଅପରେସନ ସିନ୍ଦୂର କାଳରେ ପାକିସ୍ତାନ ନିକଟରେ ଅନ୍ୟ ପ୍ଲାଟଫର୍ମ ଥିଲା। ହେଲେ ଆମର ଅପରେଶନ କାଳରେ ସେମାନେ ଅଧିକାଂଶ ପ୍ଲାଟଫର୍ମକୁ ଚଳାଇ ପାରିନଥିଲେ। ଏଣୁ ଆମେ ଯେତେବେଳେ ବି ଅଲଗା ଅଲଗା ପ୍ଲାଟଫର୍ମ କ୍ରୟ କରୁ ସେତେବେଳେ ଆମେ ନିଶ୍ଚିତ କରୁ ତାହା ଯେପରି ଆମ ପ୍ଲାଟଫର୍ମରେ ଠିକ୍ ଭାବେ ସାମିଲ ହୁଏ। ଏଣୁ ଆମେ ଏବେ ସେହି ବିପଦର ସାମ୍ନା କରି ପାରନ୍ତି ଯେଉଁ ପର୍ଯ୍ୟନ୍ତ ସେମାନେ ଏହାକୁ ନିଜ ସିଷ୍ଟମରେ ଭଲ ଭାବେ ସାମିଲ ନ କରିଛନ୍ତି। ସେ କହିଛନ୍ତି ଯେ ଭବିଷ୍ୟତ ଲାଗି ଆମକୁ ଆଗକୁ ବିଚାର କରିବାକୁ ପଡିବ। ଆମକୁ ଖୁବ୍ ଶୀଘ୍ର ପଞ୍ଚମ ପିଢୀର ଯୁଦ୍ଧ ବିମାନ ସାମିଲ କରିବାକୁ ପଡିବ। ଆମକୁ ଏଏମସିଏ ପ୍ରୋଗ୍ରାମକୁ ଆଗକୁ ବଢାଇବାକୁ ପଡିବ। ଏଥିରେ ଯଦି ବିଳମ୍ବ ହୁଏ ତେବେ ଆମକୁ ଅନ୍ୟ ପନ୍ଥା ଦେଖିବାକୁ ପଡିବ। ସେ କହିଛନ୍ତି ଯେ ଭାରତୀୟ ବାୟୁ ସେନା ନିକଟରେ ୪୨ ମଞ୍ଜୁର ସଂଖ୍ୟା ତୁଳନାରେ ୨୯ଟି ଫାଇଟର ସ୍କ୍ୱାଡ୍ରନ ରହିଛି।

## ସତ୍ୟାଗ୍ରହ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କଲେ ରାହୁଲ

### ଦେଶର କୋଣ ଅନୁକୋଣରୁ ଆସିବ ସଂଘର୍ଷର କାହାଣୀ

ନୂଆଦିଲ୍ଲୀ,୩।୧୦: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ସତ୍ୟାଗ୍ରହ' ନାମକ ଏକ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ନିଜ ଅଧିକାର ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ଲଢ଼େଇ କରୁଥିବା ଲୋକଙ୍କ ସ୍ୱରକୁ ଏକାଠି କରିବା ଏହି ପ୍ଲାଟଫର୍ମର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀଙ୍କ କହିବା ଅନୁସାରେ, ଦେଶରେ ଅନେକ ଲୋକ ନିଜ ଅଧିକାର ପାଇଁ ଏକାକୀ ସଂଘର୍ଷ କରୁଛନ୍ତି। ଜେନ୍-ଜି, ଛାତ୍ରଛାତ୍ରୀ, କୃଷକ, ଆଦିବାସୀ, ଦଳିତ ଓ ମହିଳାଙ୍କ ନିଜସ୍ୱ ସଂଘର୍ଷର କାହାଣୀ ରହିଛି। ତେବେ ଏକାକୀ ଉଠୁଥିବା ସ୍ୱର ଅନେକ ସମୟରେ ଚପି ଯାଉଥିବା ସେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ 'ସତ୍ୟାଗ୍ରହ' ପ୍ଲାଟଫର୍ମ ଜରିଆରେ ଲୋକମାନେ ନିଜ ସଂଘର୍ଷ, ଅନ୍ୟାୟ ଓ ଆନ୍ଦୋଳନ ସମ୍ପର୍କିତ କାହାଣୀ ଅଂଶୀଦାର କରିପାରିବେ । ଲୋକଙ୍କୁ ନିଜ କାହାଣୀ ପଠାଇବାକୁ ଆହ୍ୱାନ କରି ରାହୁଲ କହିଛନ୍ତି ଯେ, ଏଥିପାଇଁ ପ୍ରାୟ ଦୁଇ ମିନିଟ୍ ସମୟ ଲାଗିବ। ପଠାଯାଇଥିବା କାହାଣୀଗୁଡ଼ିକ ଏକ ଇଣ୍ଟରାକ୍ଟିଭ୍ ମ୍ୟାପରେ ପ୍ରଦର୍ଶିତ ହେବ। ଏହି ମ୍ୟାପ୍ ଜରିଆରେ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଜାଣିହେବ ବୋଲି ରାହୁଲ କହିଛନ୍ତି। ଏହା ସହିତ ସେ ଲୋକଙ୍କ ସଂଘର୍ଷରେ ସମର୍ଥନ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ, ସଂସଦରେ, ରାସ୍ତାରେ କିମ୍ବା ଚିଠି ଲେଖି— ଯେଉଁଠାରେ ତାଙ୍କର ଆବଶ୍ୟକତା ରହିବ, ସେଠାରେ ସେ ଲୋକଙ୍କ ସହିତ ଠିଆ ହେବେ। ବିରୋଧୀ ଦଳ ନେତା ଭାବେ ଏହା



ତାଙ୍କର ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଏହି ଡିଜିଟାଲ ପ୍ଲାଟଫର୍ମର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରର ସଂଘର୍ଷ ଓ ଆନ୍ଦୋଳନକୁ ଏକ ଜାତୀୟ ସ୍ୱର ଦେବା । ଛାତ୍ରଛାତ୍ରୀଙ୍କ ଫି ବୃଦ୍ଧି, କୃଷକଙ୍କ ସମସ୍ୟା, ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମି ପ୍ରସଙ୍ଗ ସହ ଦଳିତ ଓ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଭଳି ବିଭିନ୍ନ ପ୍ରସଙ୍ଗ ଏହି ମଞ୍ଚରେ ସାମ୍ନାକୁ ଆସିବ ବୋଲି ଦଳ କହିଛି ।

## ହର୍ମୁଜରେ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ: ୫ ଭାରତୀୟ ଉଦ୍ଧାର



ନୂଆଦିଲ୍ଲୀ,୩।୧୦: ପୁଣି ହର୍ମୁଜରୁ ଆସିଛି ଏକ ବଡ ଖବର। କୁଓ୍ୱେତ ପତାକା ବହନ କରୁଥିବା ଅଶୋଧିତ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି। ଏଥିରେ ଥିବା ପାଞ୍ଚ ଜଣ ଭାରତୀୟ ନାଗରିକଙ୍କୁ ପରେ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। ଓମାନରେ ଥିବା ଭାରତୀୟ ମିଶନ କହିଛି ଯେ ଏହା ଏମଟି କାଜିମାହ ଆଇଆଇଆଇର ପାଞ୍ଚ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିବାରେ ସହାୟତା କରିଥିଲା, ଯାହା ଏକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ଗତି କରୁଥିବା ସମୟରେ ଆକ୍ରମଣ ହୋଇଥିଲା। ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ସମସ୍ତ ଭାରତୀୟଙ୍କୁ ସୁରକ୍ଷିତ ଭାବରେ କୂଳକୁ ଅଣାଯାଇଥିଲା। ଦୂତାବାସ ଅପରେସନ ସମୟରେ ଓମାନକୁ ଏହାର ସହାୟତା ପାଇଁ ଧନ୍ୟବାଦ ଦେଇଥିଲା। ଏମଟି କାଜିମାହ ଆଇଆଇଆଇ ହେଉଛି ଏକ କୁଓ୍ୱେତ ପତାକା ବହନ କରୁଥିବା ଅଶୋଧିତ ତୈଳ ଟ୍ୟାଙ୍କର। ଘଟଣା ସମୟରେ ଟ୍ୟାଙ୍କରଟି ଟୋଗୋର ଲୋମେ ଅଭିମୁଖେ ଯାଉଥିଲା। ଏହି ଘଟଣା ଏପରି ସମୟରେ ଘଟୁଛି ଯେତେବେଳେ ପାରସ୍ୟ ଉପସାଗର ଏବଂ ଆଖପାଖ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଚଳାଚଳ ମାର୍ଗର ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଉଛି। ହର୍ମୁଜ୍ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଅବରୋଧକ ମଧ୍ୟରୁ ଗୋଟିଏ ଏବଂ ତୈଳ ଏବଂ ଅନ୍ୟାନ୍ୟ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହି ଅଞ୍ଚଳରେ ବାଣିଜ୍ୟିକ ଜାହାଜରେ କାମ କରୁଥିବା ଏହାର ନାଗରିକଙ୍କ ସୁରକ୍ଷା ଉପରେ କଡ଼ା ନଜର ରଖିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସମ୍ପ୍ରତି କହିଛନ୍ତି ଯେ ଏହି ବିଶାଳ ଅଞ୍ଚଳରେ କାର୍ଯ୍ୟରତ ବାଣିଜ୍ୟିକ ଜାହାଜରେ ୪,୫୦୦ ରୁ ଅଧିକ ଭାରତୀୟ ନାବିକ କାମ କରୁଛନ୍ତି। ସେ କହିଛନ୍ତି ଯେ ପ୍ରାୟ ୧୬୩ ଜଣ ଭାରତୀୟ ନାବିକ ୧୨ଟି ଜାହାଜରେ ଥିଲେ, ଯେଉଁଥିରେ ୬ଟି ଭାରତୀୟ ପତାକା ଜାହାଜ ଏବଂ ୬ଟି ବିଦେଶୀ ପତାକା ଜାହାଜ ଭାରତ ପାଇଁ ସାମଗ୍ରୀ ପରିବହନ କରୁଥିଲେ। ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତୀୟ ମିଶନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ମିଳିତ ଭାବରେ, ଜାହାଜର ଗତିବିଧି ଏବଂ ଭାରତୀୟ କ୍ରୁ ସଦସ୍ୟଙ୍କ ସୁରକ୍ଷା ଉପରେ ନଜର ରଖିଛି। ଏହି ଘଟଣା ଏପରି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱର ଅନେକ ସାମୁଦ୍ରିକ ମାର୍ଗରେ ବାଣିଜ୍ୟିକ ଜାହାଜ ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଉଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଚେତାବନୀ ଦେଇଛନ୍ତି ଯେ ଉପସାଗର, ଲୋହିତ ସାଗର ଏବଂ କଳା ସାଗରରେ ଜାହାଜ ଏବଂ ନାବିକମାନଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ। ସେ ନାଗରିକ କର୍ମଚାରୀଙ୍କ ସୁରକ୍ଷା ଏବଂ ବିଶ୍ୱ ବାଣିଜ୍ୟ ଏବଂ ଶକ୍ତି ଯୋଗାଣର ଅବିଚ୍ଛିନ୍ନ ପ୍ରବାହ ସୁନିଶ୍ଚିତ କରିବା ପାଇଁ ସଂଯମତା ଏବଂ ଉତ୍ତେଜନା ହ୍ରାସ ପାଇଁ ମଧ୍ୟ ନିବେଦନ କରିଛନ୍ତି।

## ରୁଷିଆ ସେନାରେ ଏବେ ବି ୫୫ ଭାରତୀୟ ତଥ୍ୟ ଦେବାକୁ ମସ୍କୋକୁ ଅନୁରୋଧ କଲା ନୂଆଦିଲ୍ଲୀ

ନୂଆଦିଲ୍ଲୀ,୩।୧୦: ରୁଷିଆ ସେନାରେ ନିଯୁକ୍ତି ପାଇଥିବା ଭାରତୀୟଙ୍କ ମଧ୍ୟରୁ ଇତିମଧ୍ୟରେ ୧୪୦ ଜଣଙ୍କୁ ମୁକ୍ତ କରାଗଲାଣି। ଏବେ ବି ରୁଷିଆର ସଶସ୍ତ୍ର ସେନାରେ ୫୫ ଭାରତୀୟ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ସମ୍ପର୍କରେ ଜଣାଇବାକୁ ନୂଆଦିଲ୍ଲୀ ମସ୍କୋକୁ ଅନୁରୋଧ କରିଛି। ଭାରତ-ରୁଷିଆ ପରାମର୍ଶ କମିଟି ବୈଠକରୁ ଏହା ଜଣାପଡ଼ିଛି। ସମସ୍ତ ଭାରତୀୟଙ୍କୁ ମୁକ୍ତ କରିବା ପାଇଁ ନୂଆଦିଲ୍ଲୀ ରୁଷିଆ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଥିଲା। ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଦ୍ୱାରା ଅସାଧୁ ଏଜେଣ୍ଟମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବୈଠକରୁ ମିଳିଥିବା ସୂଚନାରେ କୁହାଯାଇଛି। ଗତ ମାସରେ ଭାରତର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଶେୟାର କରିଥିବା ତଥ୍ୟ ଅନୁଯାୟୀ, ରୁଷିଆ ସଶସ୍ତ୍ର ସେନାରେ ମୋଟ ୨୨୭ଜଣ ଭାରତୀୟ ନିଯୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩୯ଜଣଙ୍କୁ ମୁକ୍ତ କରାଯାଇଥିବା ବେଳେ ୫୧ ଜଣଙ୍କ ମୃତ୍ୟୁ ଘଟିଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ତରରେ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଥିବା ମିସ୍ରି ପ୍ରକାଶ କରିଛନ୍ତି।

## ମେକ୍‌ଅପ୍ ଆର୍ଟିଷ୍ଟ ମ୍ୟାଡ୍ ସାନ୍ଧୁଙ୍କୁ ଗୁଳି କରି ହତ୍ୟା

ଅମୃତସର,୩।୧୦: ଅମୃତସରରେ ପଞ୍ଜାବୀ ଇନଫ୍ଲୁଏନ୍ସର୍ ତଥା ଲୋକପ୍ରିୟ ମେକ୍-ଅପ୍ ଆର୍ଟିଷ୍ଟ ମ୍ୟାଡ୍ ସାନ୍ଧୁ ଓରଫ ମଧୁସୂଦନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରାଜ୍ୟରେ ଏଲଜିବିଟି ସମ୍ପ୍ରଦାୟର ସେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ଶନିବାର ସନ୍ଧ୍ୟା ୬ଟାରେ ଦୁଇ ଜଣ ବ୍ୟକ୍ତି ଏକ ବାଇକରେ ଆସି ତାଙ୍କ ଉପରକୁ ଅନ୍ଧାଧୁନ୍ଦ ଗୁଳି କରିଥିଲେ। ତାଙ୍କୁ ଦୁଇଟି ଗୁଳି ବାଜିଥିବାବେଳେ ସେ ବହୁ ସମୟ ଧରି ରକ୍ତ ଜୁଡୁବୁଡୁ ଅବସ୍ଥା ରାସ୍ତାରେ ପଡ଼ି ରହିଥିଲେ। ପରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମ୍ୟାଡ ସାନ୍ଧୁ ରାସ୍ତାରେ ପଡ଼ି ଛଟପଟ ହେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବର୍ଷକ ତଳେ ବଠିଣ୍ଡାରେ ଜଣେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। କଟରପନ୍ଥୀ ଜୁନ୍ ୨୦୨୫ରେ କାଞ୍ଚନ କୁମାରୀ ଓରଫ୍ କମଲ କୌର ଭାବୀଙ୍କୁ ହତ୍ୟା କରିଥିଲେ।

## କଟକଣା ସତ୍ତ୍ୱେ ଇସ୍ରାଏଲକୁ ବିମାନ ଉଡ଼ାଇଥିଲେ ୧୨ ଓମାନୀ ପାଇଲଟ

ତେଲ ଅଭିଭ୍,୩।୧୦: ଇସ୍ରାଏଲ ପକ୍ଷରୁ ସୁରକ୍ଷାରେ ବଡ଼ ତ୍ରୁଟିକୁ ଅଣଦେଖା କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ ଆବ୍ରାହମ ଚୁକ୍ତିନାମା ପରେ ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ନଥିବା ଦେଶର ପାଇଲଟମାନଙ୍କୁ ଦେଶରେ ଉଡ଼ାଣ କରିବାରୁ ନିଷେଧ କରାଯାଇଛି। ଓମାନ ସହିତ ଇସ୍ରାଏଲର କୂଟନୈତିକ ସମ୍ପର୍କ ନାହିଁ। ଓମାନ ପାଇଲଟଙ୍କୁ ଇସ୍ରାଏଲକୁ ବିମାନ ଉଡ଼ାଇବା ଉପରେ କଟକଣା ରହିଥିବା ସତ୍ତ୍ୱେ ଗତ କିଛି ବର୍ଷ ମଧ୍ୟରେ ୧୨ ଓମାନୀ ପାଇଲଟ ବିଦେଶୀ ଏୟାରଲାଇନ୍ସରେ କାମ କରିବା ସମୟରେ ଇସ୍ରାଏଲରେ ଉଡ଼ାଣ କରିଛନ୍ତି। ଏକ ରିପୋର୍ଟରେ କୁହାଯାଇଛି ଯେ, ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ନଥିବା ଦେଶର ପାଇଲଟମାନେ ଦେଶକୁ ବିମାନ ଚଳାଚଳ ନ କରିବା ପାଇଁ ଇସ୍ରାଏଲୀ କର୍ତ୍ତୃପକ୍ଷ ମୁଖ୍ୟତଃ ଏୟାରଲାଇନ୍ସଗୁଡ଼ିକ ଉପରେ ନିର୍ଭର କରିଥିଲେ। ସିନ୍ ବେଟ୍ ସୁରକ୍ଷା ସଂସ୍ଥା ମଧ୍ୟ ଫ୍ଲାଏଦୁବାଇ ବିମାନ ପାଇଲଟଙ୍କ ନାଗରିକତା ଓ ଅନ୍ୟାନ୍ୟ ପୃଷ୍ଠଭୂମି ସ୍ୱାଧୀନ ଭାବେ ତଦନ୍ତ କରିନଥିଲା। ବରଂ ଏହା କେବଳ ଏୟାରଲାଇନ୍ସକୁ ଯେଉଁ ଦେଶ ସହିତ କୂଟନୈତିକ ସମ୍ପର୍କ ନାହିଁ ସେମାନଙ୍କ ପାଇଲଟକୁ ତେଲ ଅଭିଭ୍ ଉଡ଼ାଣ ପାଇଁ ଅନୁମତି ନ ଦେବାକୁ କହିଥିଲା ବୋଲି ଜଣାପଡ଼ିଛି।

## ବିହାରର ୨୮ଟି ଜିଲ୍ଲା ବନ୍ୟା କବଳରେ ୬୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ

ପାଟଣା,୩।୧୦: ବିହାରରେ ବନ୍ୟା ସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ବିହାରର ପ୍ରାୟ ୬୮.୮୦ ଲକ୍ଷ ହେକ୍ଟର ଅଞ୍ଚଳ ଅର୍ଥାତ୍ ପ୍ରାୟ ୭୩ ପ୍ରତିଶତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟର ମୋଟ ୩୮ଟି ଜିଲ୍ଲା ମଧ୍ୟରୁ ୨୮ଟି ଜିଲ୍ଲା ବନ୍ୟା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ସୂଚନାଯୋଗ୍ୟ, ବିହାରରେ ପ୍ରତିବର୍ଷ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହେଉଥିବା ବେଳେ ବନ୍ୟା ସ୍ଥିତିର ମୁକାବିଲା ଓ ବନ୍ୟା ନିୟନ୍ତ୍ରଣ ଯୋଜନା ବାବଦରେ ସରକାର ବର୍ଷକୁ ପ୍ରାୟ ୬.୪ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ, ଗଣ୍ଡକ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଓ ନଦୀବନ୍ଧ ଭାଙ୍ଗିଯିବା ଯୋଗୁଁ ସାରଣ ସମେତ ୬ଟି ଜିଲ୍ଲାର ପ୍ରାୟ ୨୫୫ଟି ଗାଁ ବନ୍ୟା ଜଳରେ ବୁଡ଼ି ରହିଛି। ଏହାଦ୍ୱାରା ପ୍ରାୟ ୪ ଲକ୍ଷ ଜନସଂଖ୍ୟା ପ୍ରଭାବିତ ହୋଇଥିବା ବେଳେ ୪୪ ହଜାରରୁ ଅଧିକ ଲୋକ ନିଜ ଘରଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି।

## ଔଷଧ କମ୍ପାନୀରେ ବଏଲର ବିସ୍ଫୋରଣ, ୫ ମୃତ

ଆନ୍ଧ୍ରପ୍ରଦେଶ,୩।୧୦: ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାର ସତ୍ୟବେଦୁ ମଣ୍ଡଳ ଅଞ୍ଚଳର ଶ୍ରୀ ସିଟିରେ ଥିବା ଏକ ପ୍ରାଇଭେଟ ଔଷଧ କମ୍ପାନୀରେ ବଏଲର ବିସ୍ଫୋରଣ ଯୋଗୁଁ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଫଳରେ ୫ ଜଣ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଘଟଣା ସମ୍ପର୍କରେ ସୂଚନା ପାଇ ଉଦ୍ଧାର ଏବଂ ଜରୁରୀକାଳୀନ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ।

## ଆମେରିକାରେ ପୁଣି ମନ୍ଦିର ଉପରେ ଆକ୍ରମଣ ଭିତରେ ଥିଲେ ଶ୍ରଦ୍ଧାଳୁ, ଇଟା ମାଡ଼ କଲେ ଦୁର୍ବୃତ୍ତ



ଓ୍ୱାଶିଂଟନ,୩।୧୦: ଆମେରିକାରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି । ମନ୍ଦିର ଭିତରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଥିବା ବେଳେ ଦୁର୍ବୃତ୍ତମାନେ ମନ୍ଦିର ଉପରେ ଇଟା ମାଡ଼ କରିଥିଲେ । ଏହି ଆକ୍ରମଣରେ ମନ୍ଦିରର ଝରକା ଭାଙ୍ଗିରୁଜି ଯାଇଛି । ହଠାତ ଆକ୍ରମଣ ହେବାରୁ, ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡ଼ିଥିଲେ । ଆମେରିକାର ଓହିଓ ରାଜ୍ୟ ଅନ୍ତର୍ଗତ ଗ୍ରେଟର କ୍ଲିଭଲ୍ୟାଣ୍ଡ ଅଞ୍ଚଳରେ ଥିବା ଶ୍ରୀ ସ୍ୱାମୀନାରାୟଣ ମନ୍ଦିର ଉପରେ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି ।

## ୩ ସେନା କର୍ମଚାରୀଙ୍କ ସମେତ ୭ ଜଣ ଗିରଫ

ହାଇଦ୍ରାବାଦ,୩।୧୦: ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟର ବୋଲାରାମରେ ସେନାର ୨୦ତମ ବାଟାଲିୟନର ମାଡ୍ରାସ ରେଜିମେଣ୍ଟରୁ ଅଗଷ୍ଟ ୩୧ ତାରିଖ ସକାଳେ ବନ୍ଧୁକ ଓ ଗୁଳିଗୋଳା ଚୋରି ମାମଲାରେ ତେଲେଙ୍ଗାନା ପୁଲିସ ଶନିବାର ଅଧିକ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସେନାରେ କାର୍ଯ୍ୟରତ ୩ କର୍ମଚାରୀ ଅଛନ୍ତି। ମାଲକାନଗିରି ପୁଲିସ କମିସନର ବି ସୁମଥୀ କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ବାଟାଲିୟନର ଜଣେ ଅବସରପ୍ରାପ୍ତ ହାଭିଲଦାର ଉପ୍ପୁଥୋଲ୍ଲା ମାଲ୍ଲେଶ ଓରଫ ରାଜୁ (୩୭) ସେପ୍ଟେମ୍ବର ୧୧ ତାରିଖରେ ଗିରଫ ହୋଇଥିଲା। ଅନ୍ୟମାନଙ୍କୁ ଆଜି ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ସିପାହୀ କୋଣ୍ଡୁରୀ ଶେଷୁଲୁ (୩୬), ଯବାନ ବିନୋଦ କୁମାର (୩୪) ଉଭୟ ଆନ୍ଧ୍ରପ୍ରଦେଶର ମାର୍କାପୁରମ୍ ଜିଲ୍ଲାର ବାସିନ୍ଦା, କୁଚରାକାନ୍ଟି ପ୍ରବୀଣ (୩୭) ସେନାରେ ହାବିଲଦାର ଭାବେ କାମ କରୁଥିଲେ ଓ ତାଙ୍କ ଘର ମେହବୁବନଗରରେ ବୋଲି ପୁଲିସ କହିଛି। ଅଭି ଦେ (୩୨), ବୀରବଲ ସ (୨୭) ପଶ୍ଚିମବଙ୍ଗର ବାସିନ୍ଦା, ଉପ୍ପୁଥୋଲା ମଲ୍ଲିକାର୍ଜୁନ (୩୯) ଓ ଚେମ୍ମାକର ନିରଞ୍ଜନ (୩୯) ପାଦରା, ନାଗରକର୍ନୁଲର ବାସିନ୍ଦା। ସମସ୍ତ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର ପରେ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଚୋରି ହୋଇଥିବା ଅସ୍ତ୍ରଶସ୍ତ୍ର ବ୍ୟବହାର କରି ବ୍ୟାଙ୍କ, ଅଳଙ୍କାର ଦୋକାନ ଓ ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ଡକାୟତି କରିବାକୁ ଯୋଜନା କରିଥିଲେ ବୋଲି ଅଭିଯୋଗ ହୋଇଛି।

## କ୍ୟାପଟେନ୍ ସ୍ମିତ୍ ମାଛରଙ୍କୁ ଭେଟିଲେ ଦୁବାଇର କ୍ରାଉନ୍ ପ୍ରିନ୍ସ



ନୂଆଦିଲ୍ଲୀ,୩।୧୦: ଦୁବାଇର ଯୁବରାଜ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ୍ ମକତୁମ୍ ଶନିବାର ଫ୍ଲାଏଦୁବାଇ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମାଛରଙ୍କୁ ଭେଟିଥିଲେ। ଯାହାଙ୍କ ବୀରତ୍ୱ ସହ ତାଙ୍କ ଓମାନୀ ସହ-ପାଇଲଟ୍ ବିମାନକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଚେଷ୍ଟା କରିବା ପରେ ୧୭୪ ଜଣଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଥିଲେ। ସଂଯୁକ୍ତ ଆରବ ଏମିରେଟ୍ସର ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଥିବା ମାକତୁମ୍, ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସରେ ଦୁଇ ପିଲାର ପିତା ୩୯ ବର୍ଷୀୟ ମାଛରଙ୍କ ସହ ତାଙ୍କର ସାକ୍ଷାତର ଫଟୋ ସେୟାର କରିଛନ୍ତି ଏବଂ କହିଛନ୍ତି ଯେ ସମଗ୍ର ଦେଶର ନେତୃତ୍ୱ ତାଙ୍କର 'ପ୍ରଶଂସା ଏବଂ ପ୍ରଶଂସା'ରେ ପରିପୂର୍ଣ୍ଣ।"କ୍ୟାପଟେନ ସ୍ମିତ୍ ମାଛରଙ୍କ ପରିଦର୍ଶନ ସମୟରେ ଫ୍ଲାଏଦୁବାଇ ପାଇଲଟ୍ ଯିଏ ସାହସ, ଦାୟିତ୍ୱ ଏବଂ ମାନବ ଜୀବନ ପ୍ରତି ଯତ୍ନର ସର୍ବୋଚ୍ଚ ସ୍ତରକୁ ମୂର୍ତ୍ତିମନ୍ତ କରିଥିଲେ," ମାକତୁମ୍ କହିଥିଲେ।"ଆମେ ଗର୍ବିତ ଯେ ସେ ଆମ ଦଳର ଅଂଶ ଆମ ଜାତିର କାହାଣୀର ଅଂଶ ଏବଂ ୟୁଏଇ ଯାହା ପାଇଁ ଠିଆ ହୋଇଛି ତାହାର ଏକ ଅଂଶ ଏକ କରୁଣାର ରାଷ୍ଟ୍ର ଏକ ଶାନ୍ତିର ରାଷ୍ଟ୍ର ଏବଂ ଏକ ଜୀବନର ରାଷ୍ଟ୍ର," ସେ ଆହୁରି ମଧ୍ୟ କହିଛନ୍ତି।

## ଦୁଇ ପ୍ରମୁଖ ସଂସଦୀୟ ପାନେଲର ଅଧ୍ୟକ୍ଷ ପଦ ହରାଇଲା ଟିଏମ୍‌ସି

ନୂଆଦିଲ୍ଲୀ,୩।୧୦: ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକ୍ରିଷ୍ଣନ୍ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶନିବାର ବିଭିନ୍ନ ବିଭାଗ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ପୁନର୍ଗଠନ କରିଛନ୍ତି। କମିଟିର ପୁନର୍ଗଠନ ପରେ ତୃଣମୂଳ କଂଗ୍ରେସ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ପାନେଲର ଅଧ୍ୟକ୍ଷତା ହରାଇଛି। ଟିଏମ୍‌ସିର ଡୋଲା ସେନଙ୍କ ସ୍ଥାନରେ ବିଜେପିର ସୁଧାଂଶୁ ତ୍ରିବେଦୀଙ୍କୁ ବାଣିଜ୍ୟ ସଂସଦୀୟ କମିଟିର ନୂତନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାବେଳେ, ଟିଏମସିର ବିଦ୍ରୋହୀ ଗୋଷ୍ଠୀର ନେତା କାକଳୀ ଘୋଷ ଦସ୍ତିଦାରଙ୍କୁ ତାଙ୍କ ପୂର୍ବତନ ଦଳୀୟ ସହଯୋଗୀ କୀର୍ତ୍ତି ଆଜାଦଙ୍କ ସ୍ଥାନରେ ରାସାୟନିକ ଓ ସାର ପ୍ୟାନେଲର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ଡିଏମକେ ସାଂସଦ ତିରୁଚି ଶିବ ଓ କେ କାନିମୋଝିଙ୍କୁ ଯଥାକ୍ରମେ ଶିଳ୍ପ ସଂସଦୀୟ କମିଟି ଏବଂ ଖାଦ୍ୟ, ଗ୍ରାହକ ବ୍ୟାପାର ଓ ସାଧାରଣ ବଣ୍ଟନ ପ୍ୟାନେଲର ଅଧ୍ୟକ୍ଷ ଭାବରେ ପୁନଃନିଯୁକ୍ତ କରାଯାଇଛି। ବିଜେପିର କେତେକ ପ୍ରମୁଖ ସହଯୋଗୀ ଦଳ ଜେଡିୟୁ, ଶିବସେନା ଓ ଟିଡିପି ବିଭିନ୍ନ ସଂସଦୀୟ କମିଟିର ଅଧ୍ୟକ୍ଷତା ବଜାୟ ରଖିଛନ୍ତି। କଂଗ୍ରେସ ସାଂସଦ ଶଶି ଥରୁର୍ ଓ ଚରଣଜିତ୍ ସିଂ ଚନ୍ନି ବୈଦେଶିକ ବ୍ୟାପାର ଓ କୃଷି ବିଭାଗ କମିଟିର ଅଧ୍ୟକ୍ଷତା ବଜାୟ ରଖିଛନ୍ତି।

## କଙ୍ଗୋରେ ମାରାତ୍ମକ ଇବୋଲାର ନୂଆ ପ୍ରଜାତି ୮,୩୦୦ରୁ ଅଧିକ ଆକ୍ରାନ୍ତ, ୪,୦୧୮ ମୃତ

ନୂଆଦିଲ୍ଲୀ, ୧୦।୨: ଆଫ୍ରିକୀୟ ଦେଶ କଙ୍ଗୋରେ ଭୟଙ୍କର ରୂପ ଧାରଣ କରିଛି ମାରାତ୍ମକ 'ଇବୋଲା' ଭାଇରସ୍ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ପ୍ରକୋପରେ ଏ ପର୍ଯ୍ୟନ୍ତ ୪,୦୧୮ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୮,୩୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ବିଶେଷଜ୍ଞଙ୍କ ମତରେ, ଇବୋଲା ଇତିହାସରେ ଏହା ସବୁଠାରୁ ଦ୍ରୁତ ଗତିରେ ବ୍ୟାପୁଥିବା ସଂକ୍ରମଣ ପାଲଟିଥିବାରୁ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ହୁ) ଏବଂ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ାଇଦେଇଛି । କଙ୍ଗୋ ସରକାର ଗତ ମେ' ୧୫ ତାରିଖରେ ଇବୋଲା ସଂକ୍ରମଣ ନେଇ ଆନୁଷ୍ଠାନିକ ଘୋଷଣା କରିଥିଲେ । ଏଥର ଇବୋଲାର ଏକ ବିରଳ ପ୍ରଜାତି 'ବଣ୍ଡିବୁଗ୍ୟୋ' ଭାଇରସର ମାମଲା ସାମ୍ନାକୁ ଆସିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଭାଇରସ୍ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଚିକିତ୍ସା କିମ୍ବା ମାନ୍ୟତାପ୍ରାପ୍ତ ଟିକା ଉପଲବ୍ଧ ନାହିଁ, ଯାହା ସଂକ୍ରମଣ ରୋକିବାରେ ବଡ଼ ବାଧକ ସାଜିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଚେତାବନୀ ଦେଇଛି ଯେ, ଏହି ଭାଇରସ୍ ଦ୍ରୁତ ଗତିରେ ନୂଆ ନୂଆ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି । ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସୀମିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଚାପ ପଡୁଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଇବୋଲା ଏକ ଅତ୍ୟନ୍ତ ମାରାତ୍ମକ ଭୂତାଣୁଜନିତ ରୋଗ, ଯାହା ସଂକ୍ରମିତ ବ୍ୟକ୍ତିଙ୍କ ଶରୀରର ତରଳ ପଦାର୍ଥ ଯେପରିକି ରକ୍ତ, ଝାଳ, ଲାଳ ଆଦି ସଂସ୍ପର୍ଶରେ ଆସିଲେ ବ୍ୟାପିଥାଏ । ଠିକ୍ ସମୟରେ ଚିକିତ୍ସା ନମିଳିଲେ ମୃତ୍ୟୁ ନିଶ୍ଚିତ ହୋଇଥାଏ ।

### ଗୃହମନ୍ତ୍ରୀ ଅମିତ ଶାହଙ୍କ ବଡ଼ ଘୋଷଣା

# ଆଉ ଶୁଣିବାକୁ ମିଳିବନି ତାରିଖ ପେ ତାରିଖ

ଭୋପାଲ,୩।୧୦: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର କହିଛନ୍ତି ଯେ ବିଳମ୍ବ ପାଇଁ ଭାରତୀୟ ବିଚାର ବ୍ୟବସ୍ଥା ବେଶ୍ ଜଣାଶୁଣା। ହେଲେ ଏବେ ନୂଆ ଅପରାଧିକ ଆଇନ ସମ୍ପୂର୍ଣ୍ଣ ଲାଗୁ ହେବା ପରେ ଏଫଆଇଆର ରୁଜୁ ହେବା ଦିନରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ୩ ବର୍ଷରେ ମିଳି ପାରିବ। ଭୋପାଳ ବିଏଚଇଏଲ ଦଶହରା ପଡିଆରେ ନୂଆ ଅପରାଧିକ ଆଇନ ଉପରେ ପ୍ରଦର୍ଶନୀ ଉଦଘାଟନ କରି ଶାହ ଏହା କହିଛନ୍ତି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରାଳୟ ଦାୟିତ୍ୱରେ ଥିବା ଶାହ କହିଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ୍) ସମ୍ପୂର୍ଣ୍ଣ ଲାଗୁ ହେଲେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀ ବିଶ୍ୱର ସବୁଠୁ ଆଧୁନିକ ନ୍ୟାୟପ୍ରଣାଳୀ ମଧ୍ୟରେ ଅନ୍ୟତମ ହେବ। ସାରା ଦେଶରେ ନିଶା ସାମଗ୍ରୀ ବିରୋଧରେ ଜାରି ଅଭିଯାନର ଉଲ୍ଲେଖ କରି ଶାହ କହିଛନ୍ତି ଯେ ସରକାର ଏକ ବିସ୍ତୃତ ଯୋଜନା ଉପରେ କାମ କରୁଛନ୍ତି। ଏହା ଦ୍ୱାରା ୩୧ ଡିସେମ୍ବର



୨୦୨୯ ପରେ ପ୍ରଦେଶରେ ନିଶା ସାମଗ୍ରୀର ଦୁରୁପଯୋଗ ସମ୍ପୂର୍ଣ୍ଣ ସମାପ୍ତ ହୋଇଯିବ। ଏଣୁ ନିଶାକୁ ନେଇ ସମାଜର ଥିବା ଅଭିଯୋଗ ଦୂର ହୋଇ ପାରିବ ଓ ଲୋକେ ନିଶାର ଶିକାର ହେବେନି। ଶାହ କହିଛନ୍ତି ଯେ ଭାରତୀୟ ନ୍ୟାୟ ବ୍ୟବସ୍ଥା କୁ ନେଇ ଲୋକେ 'ତାରିଖ ପେ ତାରିଖ' କମେଣ୍ଟ କରନ୍ତି। ହେଲେ ଏବେ ନୂଆ ଅପରାଧିକ ଆଇନ ସମ୍ପୂର୍ଣ୍ଣ ଲାଗୁ ହେଲେ ଏଫଆଇଆର ରୁଜୁଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ୩ ବର୍ଷ ମଧ୍ୟରେ ମିଳିଯିବ। ନୂଆ ଆଇନ ବିଏନଏସ, ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସଏ) ଦେଶରେ ୧ ଜୁଲାଇ ୨୦୨୪ରୁ କାର୍ଯ୍ୟକାରୀ ହେଉଛି।

## ମଦ ନିଶାରେ ଟଳମଳ ଚାଳକ ଗିରଫ: ଟ୍ରକ୍ ଜବତ

ହିଞ୍ଜିଳିକାଟୁ,(ନିପ୍ର): ମଦ ନିଶାରେ ଟଳମଳ ହୋଇ ଟ୍ରକ୍ ଚାଳକ ଜଣଙ୍କ ଜାତୀୟ ରାଜପଥ ଉପରେ ରଖିଦେଲେ ଗାଡି । ରାସ୍ତା ଅବରୋଧ ହେବା ସହ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ମଦ୍ୟପ ଚାଳକଙ୍କୁ ଗିରଫ କରିଛି । ଗିରଫ ଚାଳକ ଜଣଙ୍କ ହେଲେ ଛତ୍ରପୁର ଥାନା କେଉଟ ପଲ୍ଲୀ ଗ୍ରାମର ବିକାଶ କୁମାର ବେହେରା ବୋଲି ପୋଲିସ କହିଛି । ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଆସିକା ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଓଆର୦୭ ୪୫୦୭)ର ଚାଳକ ଜଣଙ୍କ ମଦ୍ୟପାନ କରିବା ପରେ ମଦ ନିଶାରେ ଚୁର୍ ହୋଇ ଟ୍ରକକୁ ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାସାହି ଛକ ନିକଟରେ ଜାତୀୟ ରାଜପଥ ଉପରେ ରଖି ଦେଇଥିଲେ । ଫଳରେ ରାସ୍ତା ଅବରୋଧ ହେବା ସହ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଗିରଫ କରିବା ସହ ଟ୍ରକକୁ ଥାନା ପରିସରକୁ ଆଣି ଜବତ କରିଛି । ଜାତୀୟ ରାଜପଥ ଉପରୁ ଟ୍ରକ୍ ହଟାଯିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ବେନାମୀ ଆକାଉଣ୍ଟ ଯୋଗାଣ ନେଟୱର୍କର ପର୍ଦ୍ଦାଫାସ୍, ୪ ଗିରଫ

ଭୁବନେଶ୍ୱର(ନିପ୍ର): ନିବେଶ ନାଁରେ ପ୍ରାୟ ୯୧.୯ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲାର ତଦନ୍ତ କରି ଭୁବନେଶ୍ୱର ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ ଥାନା ପୁଲିସ ଏକ ବଡ଼ ବେନାମୀ ଆକାଉଣ୍ଟ ଯୋଗାଣ ନେଟୱର୍କର ପର୍ଦ୍ଦାଫାସ୍ କରିଛି । ଏହି ନେଟୱର୍କର ବିଦେଶୀ, ବିଶେଷକରି ଚୀନ୍‌ର ଏଜେଣ୍ଟଙ୍କ ସହ ଯୋଗାଯୋଗ ଥିବା ତଦନ୍ତରୁ ଜଣାପଡ଼ିଥିବା ପୁଲିସ କହିଛି । ଏହି ଘଟଣାରେ ଭଦ୍ରକ ଜିଲ୍ଲାରୁ ୪ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ନନ୍ଦିପଦା ଥାନା ଜଗନ୍ନାଥପୁରର ସାଇ ଶୁଭମ ସୁଆର (୨୪), ଭଦ୍ରକ ଧୂଷୁରୀ ଥାନା ଭୁଇଁପୁରର ଭବାନୀ ଶଙ୍କର ରାୟ (୨୧), ଭଦ୍ରକ ବନ୍ତ ଥାନା ଟିଲୋର ବିଶ୍ୱଜିତ ଜେନା ଓରଫ ଚୁଇନା (୨୦) ଏବଂ ଭଦ୍ରକ ବନ୍ତ ଥାନା ଦୋଳପଦୀର ଶିଶିର କୁମାର ଜେନା ଓରଫ ଆଦିତ୍ୟ (୨୬) । ସାଇ ଶୁଭମ ଓ ଭବାନୀଙ୍କୁ ସେପ୍ଟେମ୍ବର ୨୯ରେ ଏବଂ ବିଶ୍ୱଜିତ ଓ ଶିଶିରଙ୍କୁ ଅକ୍ଟୋବର ୨ରେ ଗିରଫ କରାଯାଇଛି । ପୁଲିସ ସେମାନଙ୍କଠାରୁ ୮ଟି ମୋବାଇଲ୍ ଫୋନ୍ ଜବତ କରିଛି । ଏଥିରୁ ବିଦେଶୀ ନାଗରିକଙ୍କ ସହ ଚାଟ୍, ଟ୍ରାଞ୍ଜାକ୍ସନ୍ ହିଷ୍ଟ୍ରି, ଟ୍ରେଡ୍ ଆକାଉଣ୍ଟ ଏବଂ ଏପିକେ ଫାଇଲ୍ ସମ୍ପର୍କିତ ଡିଜିଟାଲ୍ ପ୍ରମାଣ ମିଳିଥିବା ପୁଲିସ ସୂଚନା ଦେଇଛି । ପୁଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ଜୁଲାଇ ୧ରେ ଫେସବୁକ୍‌ରେ ଏକ ମେସେଜ୍ ଆସିଥିଲା । ପରଦିନ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ାଯାଇଥିଲା । ସେଠାରେ ନିବେଶ କଲେ ଟଙ୍କା ଦୁଇଗୁଣ ହେବ ବୋଲି ପ୍ରଲୋଭନ ଦିଆଯାଇଥିଲା । ଏଥିରେ ବିଶ୍ୱାସ କରି ଅଭିଯୋଗକାରୀ ନିଜ ଆକ୍ସିସ୍ ଓ ଆଇସିଆଇସିଆଇ ବ୍ୟାଙ୍କ ଖାତାରୁ ମୋଟ ୯୧ ଲକ୍ଷ ୯୦ ହଜାର ଟଙ୍କା ଅଭିଯୁକ୍ତମାନେ ଦେଇଥିବା ବିଭିନ୍ନ ଲିଙ୍କ୍ ଓ ବେନିଫିସିଆରି ଖାତାକୁ ପଠାଇଥିଲେ । ପରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା । ଠକେଇର ସନ୍ଦେହ ହେବାରୁ ସେ ଅଗଷ୍ଟ ୨୦ରେ ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଥାନା କେସ୍ ନମ୍ବର ୦୧୨୩, ତାରିଖ ୨୦.୦୮.୨୦୨୬ରେ ମାମଲା ରୁଜୁ ହୋଇଛି । ମାମଲାର ତଦନ୍ତ ସମୟରେ ପ୍ରଥମ ଓ ଦ୍ୱିତୀୟ ସ୍ତରର ବେନିଫିସିଆରି ଖାତାର ଯାଞ୍ଚ କରାଯାଇଥିଲା । ଏଥିରୁ ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର କିଛି ବେନାମୀ ଆକାଉଣ୍ଟ ସାମ୍ନାକୁ ଆସିଥିଲା । ତଦନ୍ତରୁ ଭଦ୍ରକ ଜିଲ୍ଲାରେ ଏକ ନେଟୱର୍କ ଥିବା ଜଣାପଡ଼ିଥିଲା । ଏହି ନେଟୱର୍କର ସଦସ୍ୟମାନେ ଯୁବକଙ୍କୁ ଟଙ୍କାର ଲୋଭ ଦେଖାଇ ସେମାନଙ୍କ ନାଁରେ ସେଭିଂସ୍ କିମ୍ବା କରେଣ୍ଟ ଆକାଉଣ୍ଟ ଖୋଲାଇ ତାହାର କିଟ୍, ଏଟିଏମ୍, ଚେକ୍‌ବୁକ୍ ଓ ସିମ୍ ଅନ୍ୟ ଠକଙ୍କୁ ଯୋଗାଇ ଦେଉଥିଲେ । ଏହି ଆକାଉଣ୍ଟଗୁଡ଼ିକୁ ଠକେଇର ଟଙ୍କା ରଖିବା, ଅନ୍ୟ ଖାତାକୁ ପଠାଇବା ଏବଂ ଭର୍ଚୁଆଲ୍ କରେନ୍ସି କାରବାରରେ ବ୍ୟବହାର କରାଯାଉଥିଲା । ତଦନ୍ତରେ ଜଣାପଡ଼ିଛି ଯେ, ବେନାମୀ ଆକାଉଣ୍ଟ ପ୍ରସ୍ତୁତ ହେବା ପରେ ଇଣ୍ଟରନେଟ୍ ବ୍ୟାଙ୍କିଂ ସକ୍ରିୟ କରାଯାଉଥିଲା । ପରେ ଏପିକେ ଫାଇଲ୍ ଜରିଆରେ ମୋବାଇଲ୍ ଫୋନ୍‌ର ଆକ୍ସେସ୍ ବାହାରେ ଥିବା ଠକଙ୍କୁ ଦିଆଯାଉଥିଲା । ଏହାଦ୍ୱାରା ବ୍ୟାକ୍‌ଏଣ୍ଡ୍‌ରେ ଥିବା ଠକମାନେ ମ୍ୟୁଲ୍ ଆକାଉଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଂକୁ ନିୟନ୍ତ୍ରଣ କରୁଥିବା ପୁଲିସ କହିଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରର ପୁରୁଣା ବସଷ୍ଟାଣ୍ଡ ଦୁର୍ଗା ମନ୍ଦିର ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସରେ ଏକ ଅଭାବନୀୟ ଘଟଣା ଘଟିଛି । ସେଠାରେ ସେଡିଙ୍ଗ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ହେଲେ ସଇଡ଼ା ଗ୍ରାମର ଆଶିଷ ବାଦୀ (୩୫) । ସୂଚନା ଅନୁସାରେ, ମାର୍କେଟ କମ୍ପ୍ଲେକ୍ସ ଛାତ ଉପରେ ସେଡିଙ୍ଗ କାମ କରୁଥିବା ଆଶିଷଙ୍କ ଅସାବଧାନତା ଯୋଗୁଁ ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଫଳରେ ସେ ଛିଟିକି ପଡ଼ି ଅଚେତ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ଭିମସାର ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି ।

## ଶିକ୍ଷକଙ୍କ ମାଡ଼ରେ ଦୁଇ ଛାତ୍ର ଆହତ
### ଅଭିଯୋଗ କଲେ ଅଭିଭାବକ, ଫାଇଲରେ ନାହିଁ ଅଭିଯୋଗପତ୍ର




ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ କରଚୁଲି ପଞ୍ଚାୟତର ଭାବସର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଙ୍କୁ ମାଡ଼ ମାରିବା ନେଇ ଏକ ଅଭାବନୀୟ ଅଭିଯୋଗ ସାମ୍ନାକୁ ଆସିଛି । ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀରେ ଅଧ୍ୟୟନରତ ଦୁଇ ଛାତ୍ର ମଙ୍ଗରାଜ ପ୍ରଧାନ ଓ ହିମାଂଶୁ ସେଠୀଙ୍କୁ ଜଣେ ଶିକ୍ଷକ ମାଡ଼ ମାରିବା ଫଳରେ ଛାତ୍ରମାନେ ଆହତ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଏକ୍ସକ୍ୟାଡର ଶିକ୍ଷକ ଦୁଇ ଛାତ୍ରଙ୍କୁ ଅତ୍ୟଧିକ ମାଡ଼ ମାରିଥିଲେ । ଏଥିରେ ଜଣେ ଛାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବା ସହ ପଛ ଭାଗରେ ନୋଳା ଫାଟିଯିବା ଭଳି ଅଭିଯୋଗ ମଧ ହୋଇଛି । ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣା ସମ୍ପର୍କରେ ଅଭିଭାବକମାନେ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗପତ୍ର ଦାଖଲ କରିଥିବା କହିଛନ୍ତି । ଏହି ଅଭିଯୋଗକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମ୍ପୃକ୍ତ ଶିକ୍ଷକଙ୍କୁ ତାଗିଦ କରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଫିସ ଫାଇଲରେ ଅଭିଯୋଗପତ୍ର ନଥିବା କହିଛନ୍ତି । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅନ୍ୟପକ୍ଷରେ, ଏନେଇ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନଥିବା ସେ କହିଥିଲେ । ତେବେ ଅଭିଯୋଗ ମିଳିଲେ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଥିବା ଜଣାପଡ଼ିଛି ।

## ୨୭ ଅବକାରୀ ମାମଲା ରୁଜୁ, ୨୭୪.୮୮ ଲିଟର ଚୋରା ମଦ ଜବତ




କଟକ (ନିପ୍ର) : ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨ ଅକ୍ଟୋବରକୁ ଡ୍ରାଏ ଡେ ଭାବେ ପାଳନ କରାଯାଇଥିବା ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ମଦ ଦୋକାନ ନିୟମ ଅନୁଯାୟୀ ବନ୍ଦ ରହିଥିଲା । ଏହି ଅବସରରେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇ ବେଆଇନ ମଦ ବିକ୍ରୟ, ଠୁଳ ଓ ପରିବହନ ଉପରେ କଡ଼ା ନଜର ରଖାଯାଇଥିଲା । ଗତକାଲି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଧାରା ୫୨(କ) ଅନୁଯାୟୀ ମୋଟ ୨୭ଟି ମାମଲା ରୁଜୁ କରାଯାଇଛି । ଧରାପଡ଼ିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଅଦାଲତକୁ ପଠାଯାଇଥିବାବେଳେ, ୧୪ ଜଣଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରି ଛାଡ଼ିଦିଆଯାଇଛି । ଏହି ଅଭିଯାନରେ ମୋଟ ୨୭୪.୮୮ ଲିଟର ମଦ ଜବତ କରାଯାଇଛି । ଏଥିରେ ୧୪ ଲିଟର ଚୋରା ଦେଶୀ ମଦ, ୫୨.୦୧ ଲିଟର ବିଦେଶୀ ମଦ, ୧୨୬.୪୫ ଲିଟର ବିୟର ଏବଂ ୮୨.୪୨ ଲିଟର ଦେଶୀ ମଦ ରହିଛି । ଏଥିସହ ବେଆଇନ ଭାବେ ମଦ ବିକ୍ରୟ, ଗଚ୍ଛିତ କିମ୍ବା ପରିବହନ କରାଯାଉଥିବା ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ଅବକାରୀ ବିଭାଗର ଅଧିକାରୀମାନଙ୍କୁ ଜଣାଇବାକୁ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି ।

## ଦେଶୀ ମଦ ଓ ପୋଚ ନଷ୍ଟ କଲା ଅବକାରୀ ବିଭାଗ



ତିଗିରିଆ (ନିପ୍ର): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧୀକ୍ଷକ ସି ଏଚ ତ୍ରିପାଠୀ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ, ଗରପଡ଼ା, ପାଇକସାହି) ,ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର -୧ ଅବକାରୀ ବିଭାଗ ଏବଂ ତିଗିରିଆ ଥାନା ସହିତ ଏକ ମିଳିତ ଚଢାଉ କରାଯାଇ ଥିଲା । ଉକ୍ତ ଚଢ଼ାଉରେ ସର୍ବମୋଟ ୨୧୭୦ ଲିଟର ଦେଶୀ ମଦ, ୨୬୭୭୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛ । ଏଥିସହିତ ୫ ଗୋଟି ମାମଲା ରୁଜୁ କରାଯାଇଛି ।

## ପୌରପାଳିକାର ସାନିଟାରୀ ସାମଗ୍ରୀ ବିକ୍ରି ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର, (ନି.ପ୍ର): ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ପୌରପାଳିକାର ସାନିଟାରୀ ସାମଗ୍ରୀ ବୋଝେଇ ହୋଇଥିବା ଏକ ଟ୍ରକକୁ ଅଧବାଟରୁ ଲୁଚାଇ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଟ୍ରକ୍ ଡ୍ରାଇଭରକୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୁଦାମ ପ୍ରଧାନ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଟ୍ରକଟିକୁ କଟକରୁ ଉଦ୍ଧାର କରାଯାଇଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୩୦.୦୯.୨୦୨୬ ତାରିଖରେ ଅଭିଯୋଗକାରୀ ଲିଙ୍ଗରାଜ ସାହୁଙ୍କର ଏକ ଅଶୋକ ଲେଲାଣ୍ଡ ଟ୍ରକରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ଆଠମଲ୍ଲିକ ଏବଂ ବାମରା ଅଞ୍ଚଳକୁ ସାନିଟାରୀ ସାମଗ୍ରୀ ପଠାଯାଇଥିଲା । ତେବେ ଡ୍ରାଇଭର ସୁଦାମ ପ୍ରଧାନ ଗାଡ଼ି ନେଇ ଯିବା ପରେ ମାଲିକଙ୍କ ଫୋନ୍ ଉଠାଇନଥିଲା କିମ୍ବା କୌଣସି ଉତ୍ତର ଦେଉନଥିଲା । ଏପରିକି ଗାଡ଼ିର ଲୋକେସନ୍ ଯେପରି ଜଣା ନପଡ଼ିବ ସେଥିପାଇଁ ସେ ଗାଡ଼ିରେ ଲାଗିଥିବା ଜିପିଆରଏସ୍ ସିଷ୍ଟମକୁ କାଢ଼ି ଫିଙ୍ଗି ଦେଇଥିଲା । ଏନେଇ ଟ୍ରକ୍ ମାଲିକ ମଞ୍ଚେଶ୍ୱର ଥାନାରେ ଠକେଇ ଅଭିଯୋଗ କରିଥିଲେ ।

## ୱାଟର ପମ୍ପ ଓ ଗ୍ୟାସ୍ ସିଲିଣ୍ଡର ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନି.ପ୍ର): ଅଭିଯୋଗକାରୀ ମଧୁସୂଦନ ସାହୁଙ୍କ ରିପୋର୍ଟ ଆଧାରରେ ବିଳମ୍ବିତ ରାତିରେ ଘର ପଛପଟୁ ୱାଟର ପମ୍ପ ଓ ରୋଷେଇ ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ଅଭିଯୋଗରେ ଇନଫୋସିଟି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦନ ସେଠ ଓ ଚନ୍ଦନ ସିଂ । ଏଥିସହିତ ପୁଲିସ ଚୋରି ସାମଗ୍ରୀ ଏବଂ ଏକ ବାଇକ୍ ଜବତ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ବିଳମ୍ବିତ ରାତି ପ୍ରାୟ ୧.୩୦ ମିନିଟରେ ଅଭିଯୋଗକାରୀ ନିଜ ଘର ପଛପଟୁ କିଛି ଶବ୍ଦ ଶୁଣିବାକୁ ପାଇଥିଲେ । ସେ ବାହାରକୁ ଯାଇ ଦେଖିବା ବେଳକୁ ଦୁଇ ଜଣ ଅଜଣା ଯୁବକ ତାଙ୍କ କୂଅରୁ ଏକ କିର୍ଲୋସ୍କର ୱାଟର ପମ୍ପ ଖୋଲି ଏକ ବାଇକରେ ଲୋଡ୍ କରୁଛନ୍ତି । ଅଭିଯୋଗକାରୀ ପାଟି କରିବାରୁ ତାଙ୍କ ପୁଅ ଓ ପଡ଼ୋଶୀମାନେ ଉଠିପଡ଼ିଥିଲେ ଏବଂ ଚୋରମାନଙ୍କୁ ଗୋଡ଼ାଇ ଧରିଥିଲେ । ଖସି ପଳାଇବାକୁ ଉଦ୍ୟମ କରିବା ବେଳେ ଉଭୟ ଅଭିଯୁକ୍ତ ତଳେ ପଡ଼ି ଆହତ ହୋଇଥିଲେ ।

## ସେଞ୍ଚୁରିଅନ୍ ୟୁନିଭର୍ସିଟିର ହଷ୍ଟେଲ ପିଲାଙ୍କ ଖାଦ୍ୟରେ ଝିଟିପିଟି !
### ପ୍ରତିବାଦରେ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ



ଜଟଣୀ(ନିପ୍ର): ଗତକାଲି ରାତିର ଖାଦ୍ୟରେ 'ଝିଟିପିଟି' ବାହାରିବା ଘଟଣାକୁ ନେଇ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପରିସରରେ ତୁମୁଳ କାଣ୍ଡ ଘଟିଛି । ମିଳିଥିବା ସୂଚନା ମୁତାବକ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ଦାୟିତ୍ୱହୀନତାକୁ ନେଇ ଛାତ୍ର ଅସନ୍ତୋଷ ତେଜୁଛି । ଏଠି ପ୍ରଶ୍ନ ଉଠୁଛି ଏହା ଏକ ବେସରକାରୀ ବିଶ୍ୱବିଦ୍ୟାଳୟ, ଏଠାରେ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀ ଆସି ହଷ୍ଟେଲରେ ରହି ପାଠ ପଢ଼ିଥାନ୍ତି । ଏଥିପାଇଁ ପିଲାମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଡୋନେସନ ନିଆଯାଉଛି । ପିଲାମାନଙ୍କ ଅଭିଯୋଗ ହେଲା ଏହି ବିଶ୍ୱବିଦ୍ୟାଳୟରେ ପାଠପଢ଼ା କକ୍ଷରେ ପଙ୍ଖା ନ ଥିବା, ଗୋଟିଏ କ୍ଲାସରେ ୪୫ ରୁ ଅଧିକ ପିଲା ପାଠ ପଢ଼ିବା, ନିମ୍ନମାନର ଖାଦ୍ୟ ପିଲାଙ୍କୁ ଦେବା ଭଳି ଘଟଣା ବିଶ୍ୱବିଦ୍ୟାଳୟ ପରିସରରେ ଘଟୁଥିଲେ ମଧ ପରିଚାଳନା କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି । ବରଂ ଅଭିଯୋଗ କଲେ ପିଲାଙ୍କୁ ମିଳୁଛି ଧମକ । ଏହି ଆଧାରରେ ଶୁକ୍ରବାର ରାତ୍ରି ଭୋଜନରେ ଖାଦ୍ୟରୁ 'ଝିଟିପିଟି' ବାହାରିବା ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ଯେତେବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ, ସେତେବେଳେ କର୍ତ୍ତୃପକ୍ଷ କହିଲେ, ଝିଟିପିଟି ବାହାରିଛି, ସାପ ବାହାରିଲେ ଦେଖିବା ।ଏହାକୁ ନେଇ ଜଣେ ଛାତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ଲକ୍ଷ ଲକ୍ଷ ଟଙ୍କା ଡୋନେସନ ଦେଇ ନିଜ ବାପା-ମା'ଙ୍କ ଠାରୁ ଦୂରରେ ରହି ପାଠ ପଢ଼ିବା କ'ଣ ଆମର ଭୁଲ । କୌଣସି ଭୁଲ କଥାର ଅଭିଯୋଗ କଲେ ମିଳେ ଧମକ, ଶେଷରେ ମିଳେ ପୋଲିସର ଲାଠି ମାଡ଼ । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତିକୁ ନେଇ ଛାତ୍ରଛାତ୍ରୀ ମାନେ ମୁଖ୍ୟ ଗେଟ ନିକଟରେ ଧାରଣାରେ ବସିରହି ଆନ୍ଦୋଳନ କରିଥିଲେ, ଯାହାକୁ ଛାତ୍ର ଓ କୃଷକ ସଙ୍ଘର ନେତା ସମର୍ଥନ ଦେଇଥିଲେ । ତେବେ ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଜଟଣୀ ପୁଲିସ ଘଟଣା ସ୍ଥଳରେ ଉପସ୍ଥିତ ରହି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

## ପୋଖରୀରୁ ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

ବେଲଗୁଣ୍ଠା ,(ନିପ୍ର): ଗୁରୁବାର ସଂଧ୍ୟାରେ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ଶବ ଶୁକ୍ରବାର ସକାଳେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି । ମୃତକ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଜଡ଼ାପଲ୍ଲୀ ଗ୍ରାମର ବିପ୍ର ମଳିକ (୫୮) ବୋଲି ଜଣାପଡ଼ିଛି । ସୂଚନାନୁସାରେ, ବିପ୍ର ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ଦୀର୍ଘ ସମୟ ପରେ ମଧ ସେ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପୋଖରୀରେ ସେ ବୁଡ଼ିଯାଇଥିବା ସନ୍ଦେହରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଗୁରୁବାର ରାତିରେ ପୋଖରୀରେ ଖୋଜାଖୋଜି କରିଥିଲେ ମଧ ଅନ୍ଧାର ଯୋଗୁଁ ବିପ୍ରଙ୍କ ସନ୍ଧାନ ମିଳିନଥିଲା । ଶୁକ୍ରବାର ସକାଳେ ପୁନର୍ବାର ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି କରାଯିବା ପରେ ପ୍ରାୟ ୯ଟା ସମୟରେ ପୋଖରୀରୁ ବିପ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏନେଇ ମୃତକଙ୍କ ପୁତୁରା ରାଜେନ୍ଦ୍ର ମଳିକ ଗାଙ୍ଗପୁର ଥାନାରେ ଏତଲା ଦେଇଛନ୍ତି । ପୁଲିସ ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକ ଗିରଫ

ଭୁବନେଶ୍ୱର, (ନି.ପ୍ର): ଇନଫୋସିଟି ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାର ଅଞ୍ଚଳରେ ଏକ ଦୁର୍ଘଟଣା ଘଟାଇ ଜଣେ ପଥଚାରୀଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଇ ଫେରାର ହୋଇଯାଇଥିବା ହାଇୱା ଟ୍ରକ୍ ଡ୍ରାଇଭରକୁ ଇନଫୋସିଟି ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କାହ୍ନୁଚରଣ ସାହୁ । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

## ଚୁନ ବୋଝେଇ ପିକପ ଗାଡିରେ ଲଗାଇଲେ ନିଆଁ : ଥାନାରେ ଅଭିଯୋଗ

କଟକ,(ନିପ୍ର): ଜଗତପୁର ତ୍ରିନାଥ ସାହିରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚୁନ ବୋଝେଇ ମହିନ୍ଦ୍ରା ପିକପ ଗାଡିରେ ଅଗ୍ନିକାଣ୍ଡ ଘଟି ୨ ଲକ୍ଷ ଟଙ୍କାର ଚୁନ ସହ ଗାଡିର ଅର୍ଦ୍ଧାଧିକ ଅଂଶ ଜଳି ପୋଡି ପାଉଁଶ ହୋଇ ଯାଇଛି । ଗ୍ରାମବାସୀ ପ୍ରଥମେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ଖବର ପାଇ ଜଗତପୁର ପୁଲିସ, ଅଗ୍ନିଶ୍ରମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଏ ନେଇ ଗାଡି ମାଲିକ ତାଙ୍କ ଗାଡିରେ ସେହି ସାହିର ଜଣେ ଯୁବକ ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ତିଗିରିଆ କରଡା ପଲ୍ଲିର ରାଜ କିଶୋର ନାୟକ ତାଙ୍କ ପରିବାର ସହ ଜଗତପୁର ତ୍ରିନାଥ ସାହିରେ ଭଡାରେ ରହି ନିଜ ପିକପ ଗାଡି ଚଳାଇ ପରିବାର ଚଳାଉଥିଲେ । ଶୁକ୍ରବାର ରାଜ କିଶୋର କଟକ ପ୍ରେସ ଛକରୁ ପିକପ ଗାଡିରେ ୨ ଲକ୍ଷ ଟଙ୍କାର ବସ୍ତାରେ ବୋଝେଇ ଥିବା ରଙ୍ଗ ଚୁନ ଲୋଡ କରି ଅନୁଗୁଳ ଯାଇଥାନ୍ତେ । ରାତ୍ର ହୋଇ ଯିବାରୁ ଗାଡି ମାଲିକ ତ୍ରିନାଥ ସାହି ସ୍ଥିତ ତାଙ୍କ ଘର ସମ୍ମୁଖରେ ଗାଡି ରଖି ଘରକୁ ଯାଇଥିଲେ । ରାତ୍ର ୧୦ ଘଟିକା ସମୟରେ ସେହି ଗ୍ରାମର ରିଙ୍କୁ ନାମକ ଜଣେ ଯୁବକ ମଦ ନିଶାରେ ଏକ ଛୁରୀ ସାହାଯ୍ୟରେ ଟାୟାର କାଟିବା ସହ ଗାଡି ଡାଲାକୁ ପିଟୁଥିବା ଖବର ପାଇ ଗାଡି ମାଲିକ ଘର ମାଲିକଙ୍କୁ ସାଙ୍ଗରେ ନେଇ ଯୁବକଙ୍କୁ ସେଠାରୁ ବିଦା କରିଥିଲେ । ରାତ୍ର ୩ଟା ସମୟରେ ପିକପ ଗାଡି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଲା ।

## ଜିଲ୍ଲା ସର୍ବୋଦୟ ମଣ୍ଡଳ ଓ ସମର କ୍ରାନ୍ତି ସେନା ପକ୍ଷରୁ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ




ଭୁବନେଶ୍ୱର(ନିପ୍ର): ଗାନ୍ଧିଜୀ ଓ ଶାସ୍ତ୍ରିଜୀ ଜୟନ୍ତୀ ଅବସରରେ ଜନତା ମୈଦାନ ଗାନ୍ଧିଜୀଙ୍କ ମୂର୍ତ୍ତି ଠାରେ ଭୁବନେଶ୍ୱର ଜିଲ୍ଲା ସର୍ବୋଦୟ ମଣ୍ଡଳ ଓ ସମର କ୍ରାନ୍ତି ସେନା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଓ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ବିଶିଷ୍ଟ ସର୍ବୋଦୟ ସଂଗଠକ ୱାର୍ଦ୍ଧା ଗାନ୍ଧିଜୀଙ୍କ ଆଶ୍ରମର ରାଷ୍ଟ୍ରୀୟ ସମ୍ପାଦକ ଗୌରାଙ୍ଗ ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ଜିଲ୍ଲା ସର୍ବୋଦୟ ମଣ୍ଡଳ ର ସଭାପତି ସୁଧାଂଶୁ ଶେଖର ମହାପାତ୍ର, ସମାଜଆଇନା ଦୈନିକ ଖବରକାଗଜ ର ସମ୍ପାଦକ ମନୋଜ ସେଠ,ଦୈନିକ ଖବରକାଗଜ ପ୍ରତିକାର ର ପ୍ରତିଷ୍ଠାତା ସମ୍ପାଦକ ଶୁଭାଶିଷ ମିଶ୍ର,ଗାନ୍ଧିବାଦୀ ନୀଳମାଧବ, ଶଙ୍କରଶଣ ବେହେରା, ପ୍ରଭାତ ବାରିକ, ହେମନ୍ତ ସ୍ୱାଇଁ, ଦୁଷ୍ମନ୍ତ ବେହେରା, ବାସୁଦେବ ପରିଡା, ଆରତ ବନ୍ଧୁ ବେହେରା,ବିଦ୍ୟାଧର ମହାପାତ୍ର,ଅଜୀତ ସାହୁ, ପ୍ରତ୍ୟୁଷ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କହିଥିଲି ଗାନ୍ଧିଜୀ ସାହାସ, ନମ୍ରତା, ସେବା ଓ କରୁଣା ଶକ୍ତିର ମାର୍ଗ ଦେଖାଇଥିବା ବେଳେ ଶାସ୍ତ୍ରିଜୀଙ୍କ ଜୀବନ ଓ ନେତୃତ୍ୱ ଏକ ସଶକ୍ତ ଏବଂ ଆତ୍ମ ନିର୍ଭରର ରାଷ୍ଟ୍ର ନିର୍ବାଣ ଲାଗି ଅନୁପ୍ରାଣିତ କରିଥିଲା ।

# ରୋଗୀଙ୍କୁ ଦିଆଯାଉଛି ଏକ୍ସପାୟାର ଔଷଧ: ଯାଞ୍ଚ ପାଇଁ ଅଞ୍ଚଳବାସୀଙ୍କ ଦାବି

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା ସିଜିମାଳୀ ଅଞ୍ଚଳର ଶୁଙ୍ଗେର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ତାରିଖ ଓ ବର୍ଷ ଲିଭି ଯାଇଥିବା ଏବଂ ଏକ୍ସପାୟାର ଔଷଧକୁ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଭଳି ଏକ ସାଙ୍ଘାତିକ ଅଭିଯୋଗ ହୋଇଛି । ସେହି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଲୋକଙ୍କୁ ତାରିଖ ଲେଖା ଯାଇନଥିବା ବା ଦେଖାଯାଉନଥିବା ଔଷଧ ବିତରଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ବାସିନ୍ଦା ଏହି ଅଭିଯୋଗ ଆଣିଛନ୍ତି । ଭୀଷ୍ମ ପୂଜାରୀଙ୍କ କହିବା କଥା ହେଲା ଗୁରୁବାର ସକାଳ ୧୦ଟା ପରେ ସେ ତାଙ୍କ ପୁଅର ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ । ସେହି ସମୟରେ ସେଠାରେ ଡାକ୍ତର ମଧ ଉପସ୍ଥିତ ରହିଥିଲେ । ପୂଜାରୀଙ୍କ ପୁଅ ଜ୍ୱର, କାଶ, ଥଣ୍ଡାରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ କାଶ ସିରପ ସହିତ ଅନ୍ୟ କିଛି ଔଷଧ ମଧ ଦିଆଯାଇଥିଲା । କିନ୍ତୁ ସେ ଯେତେବେଳେ ଔଷଧ ଗୁଡିକୁ ଯାଞ୍ଚ କରିଦେଖନ୍ତିତ ସେ ସବୁ ଔଷଧ ଗୁଡିକର ଏକ ନିର୍ଦ୍ଧିଷ୍ଟ ସମୟ ସୀମା ମଧରେ ବ୍ୟବହାର ଯୋଗ୍ୟ ବୋଲି ଉଲ୍ଲେଖ ରହିଥାଏ । କିନ୍ତୁ ଏହି କ୍ଷେତ୍ରରେ ସେପରି କିଛି ଉଲ୍ଲେଖ ନଥିବା ଦେଖିବାକୁ ମିଳିଥିଲା, ଯାହା ଫଳରେ କି ପ୍ରଦାନ କରାଯାଇଥିବା ଔଷଧ ବ୍ୟବହାର ଯୋଗ୍ୟ କି ନୁହଁ, କିମ୍ବା ତାହା ପୀଡିତ ପାଇଁ କି ନୁହଁ ସନ୍ଦେହ ସୃଷ୍ଟି କରିଥିଲା । ସେଥିରେ କିଛି ସ୍ପଷ୍ଟ ଭାବେ ଲେଖାଯାଇଥିବା ଦେଖା ଯାଇନଥିଲା । ଫଳରେ ଏହି ଘଟଣାକୁ ନେଇ ଶୁଙ୍ଗେର ମେଡିକାଲ ରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକମାନେ ଔଷଧ ବୋତଲ ଦେଖାଇ ସେଥିରେ ଏକ୍ସପାୟାର ତାରିଖ ଲିଭିଯାଇଥିବା ନେଇ ସେଠାରେ ଉପସ୍ଥିତ ଡାକ୍ତରଙ୍କୁ ଦେଖାଇଥିଲେ । ଏହାର ଉତ୍ତରରେ ଡାକ୍ତର ଔଷଧର ତାରିଖ ଲିଭିଯାଇଥିବା ମାନିବା ସହ ତାହାଆଖିକୁ ଦେଖା ଯାଉନଥିବା କହିଥିବା ବେଳେ ତାହା ସରକାରୀ ଔଷଧ ବୋଲି କହିଥିଲେ । ଅନ୍ୟ ପକ୍ଷରେ ଶୁଙ୍ଗେର ମେଡିକାଲର ଅବସ୍ଥା ମଧ୍ୟ ଶୋଚନୀୟ ଥିବା ଜାଣି - ବାକୁ ମିଳିଛି ।ବର୍ଷା ସମୟରେ ଛାତରୁ ଗଳୁଥିବା ବେଳେ ଔଷଧ ରଖିବା ସ୍ଥାନ ପରିବର୍ତ୍ତନ କରାଯାଇଛି ବୋଲି କର୍ମଚାରୀ ମାନେ କହିଛନ୍ତି । ଏହି ଘଟଣାକୁ ନେଇ ମା ମାଟି ମାଳି ସୁରକ୍ଷା ମଞ୍ଚ ଏବଂ ସ୍ଥାନୀୟ ଅଞ୍ଚଳ ବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯଦି ବିତରଣ କରାଯାଇଥିବା ଔଷଧର ଏକ୍ସପୟାରି ହୋଇଯାଇଥିବ ତେବେ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେବ ବୋଲି ସେମାନେ କହିଛନ୍ତି । ଏହି ଔଷଧ କେଉଁଠାରୁ ଆସିଲା ଏବଂ ରୋଗୀଙ୍କୁ ଦେବା ସମୟରେ ଏହାକୁ ଯାଞ୍ଚ ନକରାଯାଇ ପୀଡ଼ିତଙ୍କୁ ଦିଆ ଗଲା କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିସହ ସମ୍ପୃକ୍ତ ଔଷଧର ନମୁନା ପରୀକ୍ଷା କରାଯାଇ ଯଦି କୌଣସି ଅବହେଳା କିମ୍ବା ଅନିୟମିତତା ପ୍ରମାଣିତ ହୁଏ ତେବେ ପ୍ରକୃତ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ ଦଣ୍ଡ ବିଧାନ କରାଯାଉ ବୋଲି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରାଯାଇଛି ।ଏହାଛଡା ରାୟଗଡା ସହରାଞ୍ଚଳ ଡାକ୍ତରଖାନା ଠାରୁ ଆରମ୍ଭ କରି ମୁଖ୍ୟ ଚିକିତ୍ସାଳୟ ରେ ମଧ ମଲ୍ଟି ଭିଟାମିନ ଟାବଲେଟ, ଭିଟାମିନ ସି, ଓ କେତେକ ଓଇଣ୍ଟମେଣ୍ଟ ଏବଂ ଅନ୍ୟ କେତେକ ଆବଶ୍ୟକ ଔଷଧ ମିଳୁ ନଥିବା ଜଣା ପଡିଛି । ତେବେ ଏଠାରେ ପ୍ରଶ୍ନ ଉଠେ ଯଦି ଖୋଦ ସହରରେ ଯଦି ଏଭଳି ଅବସ୍ଥା ତେବେ ଅନ୍ୟ ଦୂରଦୂରାନ୍ତରେ ଥିବା ସ୍ୱାସ୍ଥ କେନ୍ଦ୍ରରେ ଭିଟାମିନ ଟାବଲେଟ ମିଳୁଛି କି ନାହିଁ ତାହାର ସଠିକ ବିବରଣୀ ଯାଞ୍ଚ ହେଇ ଔଷଧ ସ୍ୱାସ୍ଥକେନ୍ଦ୍ର ମାନଙ୍କୁ ଯୋଗାଇଦେବା ଉଚ୍ଚ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ଓ ସମୟ କ୍ରମେ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ଯାଇ ଅଭାବ ଅସୁବିଧା ଦେଖି ତଦନୁଯାଇ ବ୍ୟବସ୍ଥା କରିବା, ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ଏସ୍ଆଇଆର ପ୍ରକ୍ରିୟାରେ ବାଦ୍ ଭୋଟରଙ୍କ ଘରକୁ ଯିବେ ବିଏଲ୍ଓ

ପୁରୀ,୩।୧୦(ନିପ୍ର): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆରର ଚୁଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ଏହି ତାଲିକାରେ ସଂଶୋଧନ ପ୍ରକ୍ରିୟାରେ ବାଦ୍ ପଡିଥିବା ଭୋଟର ଓ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ ହେଉଥିବା ଯୁବ ଭୋଟରଙ୍କୁ ପଂଜୀକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଆରମ୍ଭ ହେଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ବୁଥ ଲେଭଲ ଅଫିସର ବା ବିଏଲଓମାନେ ଚୁଡାନ୍ତ ଭୋଟର ତାଲିକାରୁ ବାଦ ପଡିଥିବା ଭୋଟର ଏବଂ ପ୍ରଥମଥର ପାଇଁ ଭୋଟର ତାଲିକାରେ ପଂଜୀକୃତ ହେବାକୁ ଥିବା ଯୁବବର୍ଗ ଭୋଟରଙ୍କ ପାଖରେ ପହଞ୍ଚିବା ଯାଞ୍ଚ ଆରମ୍ଭ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ସମୟରେ ଅନେକ ଭୋଟରଙ୍କ ଅନୁପସ୍ଥିତି, ସ୍ଥାନାନ୍ତରଣ, ମୃତ୍ୟୁ ଏବଂ ନକଲି ଭୋଟର ତାଲିକାରୁ ବାଦ ପଡିଛନ୍ତି। ଏହି ଭୋଟରଙ୍କ ପାଖରେ ବିଏଲଓମାନେ ପୁନଶ୍ଚ ପହଞ୍ଚିବେ। ସେମାନଙ୍କ କାଗଜପତ୍ର ସାନି ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ ଭୋଟର ତାଲିକାରେ ସାମିଲ କରିପାରିବେ। ଯେଉଁମାନେ ଭୋଟର ତାଲିକାରୁ ବାଦ ପଡିଛନ୍ତି, କେଉଁ କାରଣରୁ ବାଦ ପଡିଛନ୍ତି, ଅଭିଯୋଗ ଶୁଣାଣି କରାଯିବ। ସେମାନଙ୍କ ନାମ ତାଲିକା ପ୍ରସ୍ତୁତ ହେବ। ଅପରପକ୍ଷରେ ୨୦୨୬ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ରେ ପଦାର୍ପଣ କରୁଥିବା ଯୁବ ବର୍ଗ ଫର୍ମ ୬ ମାଧ୍ୟମ ରେ ଭୋଟର ତାଲିକାରେ ସାମିଲ ହୋଇପାରିବେ।

# ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ



ଭୁବନେଶ୍ୱର,୩।୧୦: ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୪ ଅକ୍ଟୋବରରୁ ୮ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୩ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୫ ହାଓ୍ୱଡା–ଜଗଦଲପୁର ଏକ୍ସପ୍ରେସ, ୨ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାଓ୍ୱଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର–ହାଓ୍ୱଡା ଏକ୍ସପ୍ରେସ, ୪ ଅକ୍ଟୋବରରୁ ୯ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍‌କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ଅବକାରୀ ଚଢ଼ାଉ: ଦେଶୀମଦ ସହ ପୋଚ ନଷ୍ଟ, ୫ ମାମଲା ରୁଜୁ

ଆଠଗଡ଼,୩।୧୦(ନିପ୍ର): ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସି ଏଚ ତିରୁପଥୀ ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା (ଉପରଗଡ଼, ଗରପଡ଼ା, ପାଇକ ସାହି), ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର -୧ ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ ଏବଂ ତିଗିରିଆ ଥାନା ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୨୧୭୦ ଲିଟର ଦେଶୀମଦ, ୨୬୭୭୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୫ଟି ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ



ଉପ ଅଧୀକ୍ଷକ ସି ଏଚ ତିରୁପଥୀ, ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ ଜିଲ୍ଲା ମୋବାଇଲ ୟୁନିଟ ଆଇଆଇସି ବି ବି ବର୍ମା, ଆଠଗଡ଼ ଅବକାରୀ ଥାନା ଓଆଇସି ଅରୁଣ କୁମାର ପାତ୍ର, କଟକ-୧ ଓଆଇସି ମିସ୍ ସୁଶ୍ରୀ ସଂଗୀତା ମହାପାତ୍ର, ବାଙ୍କୀ ଅବକାରୀ ଥାନା ଓଆଇସି ବାପି ସାହୁ ତିଗିରିଆ ଥାନା ଓ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

## ‘ହାତୀ ସୁରକ୍ଷା ଜୀବନ ରକ୍ଷା’ ସ୍କିମରେ ଅନିୟମିତତା !

# ୫ରେ ନିରାକାରପୁର ଆର୍‌ଆଇ ଅଫିସ ସାମ୍ନାରେ ରାଜରାସ୍ତା ଅବରୋଧ ଚେତାବନୀ

ନିରାକାରପୁର,୩।୧୦(ନିପ୍ର): ‘ହାତୀ ସୁରକ୍ଷା ଜୀବନ ରକ୍ଷା’ ସ୍କିମରେ ବ୍ୟାପକ ଅନିୟମିତତା, ଅସମ୍ପୂର୍ଣ୍ଣ କାର୍ଯ୍ୟ ଏବଂ ବିଭାଗୀୟ ଅବହେଳା ପ୍ରତିବାଦରେ ଆଞ୍ଚଳିକ ଚାଷୀ ସୁରକ୍ଷା କମିଟି ଆସନ୍ତା ଅକ୍ଟୋବର ୫ ତାରିଖ (ସୋମବାର) ଦିନ ନିରାକାରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସାମ୍ନାରେ ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛି। ଖବରରୁ ପ୍ରକାଶ ଯେ, ଚାଷୀମାନଙ୍କ ଫସଲ ଓ ଜୀବନ ରକ୍ଷା ପାଇଁ ୨୦୨୪ ମସିହାରେ ‘ହାତୀ ସୁରକ୍ଷା ଜୀବନ ରକ୍ଷା’ ସ୍କିମ୍ ମଞ୍ଜୁର ହୋଇଥିଲା। ଏହି ଯୋଜନା ବାବଦରେ ସରକାରୀ ଅନୁଦାନ ୯୦% ଏବଂ ଚାଷୀମାନଙ୍କ ୧୦% ଅଂଶଧନ ୨୦୨୩ ମସିହାରେ ହିଁ ଆଗୁଆ ଡିପୋଜିଟ୍ କରାଯାଇଥିଲା। ତେବେ କନ୍‌ଷ୍ଟ୍ରକ୍ସନ୍ କାମ ଆରମ୍ଭ ହେବା ସମୟରେ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଚାଷୀ କମିଟି ତରଫରୁ ଅଭିଯୋଗ ହୋଇଥିଲା ଓ ଦୁଇଥର ତଦନ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ କାମ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲି ଶେଷରେ ବନ୍ଦ ହୋଇଯାଇଥିଲା। ଚାଷୀମାନଙ୍କ ବାରମ୍ବାର ଅଭିଯୋଗ ପରେ ଏସିଏଫ ଦେବାଶିଷ ଭୋଇ ଏବଂ ସ୍ଥାନୀୟ ଫରେଷ୍ଟର ମିଳିତ ଭାବେ ଘଟଣାସ୍ଥଳ ତଦନ୍ତ କରିଥିଲେ। ଚାଷୀମାନଙ୍କ ଉପସ୍ଥିତିରେ କନ୍‌ଷ୍ଟ୍ରକ୍ସନ୍‌କୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସେମାନେ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ହାତୀ ଉପଦ୍ରବ ଯୋଗୁଁ ଚାଷୀମାନେ ନିରନ୍ତର କ୍ଷତି ସହିଆସୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାରମ୍ବାର ଗୁହାରି କରି ନିରାଶ ହେବା ପରେ, ଯଦି ଆସନ୍ତା ଅକ୍ଟୋବର ୪ ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ, ତେବେ ଅକ୍ଟୋବର ୫ (ସୋମବାର) ଦିନ ନିରାକାରପୁର ଆରଆଇ ଅଫିସ ସାମ୍ନାରେ ରାଜରାସ୍ତା ଅବରୋଧ କରାଯିବ ବୋଲି ଆଞ୍ଚଳିକ ଚାଷୀ ସୁରକ୍ଷା କମିଟି ତରଫରୁ ସଭାପତି ବିଜୟ କୁମାର ଜୟସିଂହ ଓ ସମ୍ପାଦକ ଭାସ୍କର ପ୍ରଧାନ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ଭାରତୀୟ ତୈଳନିଗମ ଡିପୋ ରାସ୍ତାରୁ ଅଜଗର ସାପ ଉଦ୍ଧାର

ଜଟଣୀ,୩।୧୦(ନିପ୍ର): କୁଶମାଟି ଛଣଘର ପଞ୍ଚାୟତ ଅନ୍ତର୍ଗତ ଭାରତୀୟ ତୈଳନିଗମ ଡିପୋ ରାସ୍ତା ହୋଇ ରଥିପୁର ଅଭିମୁଖେ ଯାଇଥିବା ରାସ୍ତାରେ ରାତ୍ରିର ଅନ୍ଧକାରରେ ଏକ ବୃହତ୍‌କାୟ ଅଜଗର ସାପ ରାସ୍ତା ପାର ହେଉଥିବା ବେଳେ କିଛି ଲୋକ ଦେଖି ଏ ବାବଦରେ ସର୍ପ ଧରାଳିଙ୍କ ସହିତ ଯୋଗାଯୋଗ କରିଥିଲେ । ଖବର ପାଇ ଜଟଣୀ ଅଞ୍ଚଳର ଜଣାଶୁଣା ସର୍ପ ଧରାଳୀ ବିଦେଶୀ ମହାପାତ୍ର ସଙ୍ଗେ



ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଅଜଗରଟିକୁ ଉଦ୍ଧାର କରିଥିଲେ । ଯାହାର ଲମ୍ବ ପ୍ରାୟ ୭ ଫୁଟ ହେବ । ଏହି ସାପଟି କିଛିଦିନ ତଳେ ହୋଇଥିବା ପ୍ରବଳ ବର୍ଷାରେ ସମ୍ଭବତଃ ଚନ୍ଦକା ଆଡୁ ଜୋରରେ ଭାସି ଆସିଥାଇପାରେ ବୋଲି ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି । ଏ ବାବଦରେ ଶ୍ରୀ ମହାପାତ୍ର ଖୋର୍ଦ୍ଧା ବନବିଭାଗକୁ ସୂଚନା ଦେବାପରେ ସେମାନେ ଆସି ଅଜଗରଟିକୁ ସୁରକ୍ଷିତ ଭାବେ ନେଇ ଚନ୍ଦକା ଜଙ୍ଗଲରେ ଛାଡିଥିବା ସୂଚନା ମିଳିଛି ।

# ଚର୍ଚ୍ଚିକାଙ୍କ ଷୋଳପୂଜା ଆରମ୍ଭ

ବାଙ୍କୀ, ୩।୧୦(ନିପ୍ର): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା’ ଚର୍ଚ୍ଚିକାଙ୍କ ପୀଠରେ ଶନିବାରଠାରୁ ପାରମ୍ପରିକ ଷୋଳପୂଜା ଆରମ୍ଭ ହୋଇଛି। ଏହି ଅବସରରେ ସକାଳୁ ରାଜଗୁରୁ ଓ ସେବାୟତମାନେ ବାଙ୍କୀ ରାଜାଙ୍କ ଘରକୁ ଯାଇ ନିମନ୍ତ୍ରଣ କରିବା ସହ ସେଠାରେ ସ୍ଥାପିତ କନକଦୁର୍ଗାଙ୍କ ପୂଜାର୍ଚ୍ଚନା କରିଥିଲେ।ପରେ ଶୁଭକଳସ ପାଇଁ ମା’ଙ୍କ ଆଶୀର୍ବାଦ ଆଣି ଶୁଭମୁହୂର୍ତ୍ତରେ ମା’ଙ୍କୁ ଆବାହନ କରାଯାଇ କଳସ ସ୍ଥାପନ କରାଯାଇଥିଲା। ରାଜଗୁରୁ ଭବାନୀ ଶଙ୍କର ମହାପାତ୍ର ଓ ଆଚାର୍ଯ୍ୟ ସୁଧାକର ମିଶ୍ର ଚଣ୍ଡୀପାଠ କରିଥିଲେ। ମହାନଦୀରୁ ଗରାରେ ପବିତ୍ର ଜଳ ଅଣାଯାଇ ମା’ଙ୍କ ମାଜଣା ସହ ଅନ୍ୟାନ୍ୟ ନୀତିକାନ୍ତି ଆରମ୍ଭ ହୋଇଥିଲା।ଷୋଳପୂଜା ଅବସରରେ ମା’ଙ୍କ ଦର୍ଶନ ପାଇଁ ପୀଠରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ମଧ୍ୟ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା, ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର ଓ ଅନ୍ୟମାନେ ପୂଜାକାର୍ଯ୍ୟର ପରିଚାଳନାରେ ସହଯୋଗ କରିଥିଲେ।



# ତାରିଣୀ ମନ୍ଦିରରୁ ଚୋରି

କାଶୀନଗର,୩।୧୦(ନିପ୍ର) କାଶୀନଗର ଥାନା ଅନ୍ତର୍ଗତ ଖଣ୍ଡାବା ଗ୍ରାମ ନିକଟରେ ଥିବା ତାରିଣୀ ମନ୍ଦିରରୁ କିଛି ଦୁର୍ବୃତ୍ତ ମନ୍ଦିର ମୁଖ୍ୟ ଦ୍ୱାର କବାଟ ଭାଙ୍ଗିବା ପରେ ଆଲମାରି କବାଟ ତାଡି ସେଥିରୁ କଂସା ଓ ପିତଳ ସାମଗ୍ରୀ ସବୁ ଚୋରି କରି ନେଇଥିବା ସୂଚନା ମିଳିଛି। କିଛି ମାସ ପୂର୍ବେ ଅଲଡା ଗ୍ରାମ ନିକଟରେ ଥିବା ପୁଲଗୁମି ମନ୍ଦିରରୁ ମଧ୍ୟ ଦିନରେ ଚୋର ମାନେ ରୁପା ମୁକୁଟ ଚୋରି କରିଥିଲେ। ସଦ୍ୟ ଘଟଣାରେ କାଶୀନଗର ଥାନାରେ ୧୮୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

## ସତ୍ୟପାଠ

ଏତଦ୍ୱାରା ମୁଁ ଶିରଣ ପାତ୍ର, ପିତା-ଭିକାରୀ ପାତ୍ର, ଗ୍ରାମ-ସଡଙ୍ଗୀ, ଥାନା/ତହସିଲ-ଗନ୍ଦିଆ, ଜିଲ୍ଲା-ଢେଙ୍କାନାଳ, ଓଡ଼ିଶା, ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟ୍, ଗନ୍ଦିଆ, ଢେଙ୍କାନାଳଙ୍କ ପାଖରେ ସତ୍ୟପାଠ ନଂ.୧୩୫୬ ତାରିଖ ୨୮.୦୮.୨୦୨୬ ଜରିଆରେ ଘୋଷଣା କରିବାକୁ ଚାହୁଁଛି ଯେ, ମୋର ନାମ ସିର୍ନିବାସ ଭିକାଜୀ ପାତ୍ରରୁ ଶିରଣ ପାତ୍ର ଏବଂ ପିତାଙ୍କ ନାମ ଶ୍ରୀନିବାସ ଭିଆଜୀ ପାତ୍ରରୁ ଭିକାରୀ ପାତ୍ର ହେବ । ତେବେ ଏବେ ଠାରୁ ମୋର ନାମ ଶିରଣ ପାତ୍ର ପିତା-ଭିକାରୀ ପାତ୍ର ଭାବେ ଗ୍ରହଣ କରାଯିବ ।

ସ୍ୱା/-ଶିରଣ ପାତ୍ର

## AFFIDAVIT

By virtue of an affidavit sworn before Executive Magistrate, Champua, Affidavit No-3084 dated 01.10.2026, I Chandrika Naik, W/o- Laxman Naik, Village-Patabila, Po-Khendra, Ps-Jhumpura, Dist-Kendujhar-758031, declare that I have changed my name from Chandamani Naik(old name) to Chandrika Naik (new name). Henceforth, I shall be known as Chandrika Naik for all purposes.

Sd/- Chandrika Naik

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

22nd ANNUAL CONVOCATION 2026

3 - 5 October, 2026 · KIIT Convention Centre

Gracious Presence following Personalities

His Excellency
Shri Nand Kishore Yadav
Hon'ble Governor, Nagaland

Dr. Ashok Kumar Lahiri
Hon'ble Vice Chairperson, NITI Aayog, Government of India

Prof. Gobardhan Das
Hon'ble Member, NITI Aayog, Government of India

Congressman Michael Baumgartner
Hon'ble Member, United States House of Representatives

Dr. Brock Tessman
President, Montana State University, USA

MONTANA STATE UNIVERSITY, USA
- Prof. Dilpreet Bajwa, Dept. Head, Mech. & Ind. Engg.
- Dr. Sally Mudiamu, Dean, Intl. Prog. & Global Engagement
- Mr. James Tobin

ROMANIA
- Prof. Cezar Ionut Spînu, Rector, University of Craiova
- Ms. Lia Olguta Vasilescu, Mayor, City of Craiova
- Ms. Alina Sorina Spînu
- Ms. Lidia Ramona Cazacu
- Dr. Ion Sorin Cazacu

DOMINICAN REPUBLIC
- Mr. Erik Federico Pérez Vega, Rector, APEC University
- Mrs. Ana María Pérez Mateo

ARGENTINA
- Mr. Jorge Calzoni, Rector, National University of Avellaneda (UNDAV)
- Dr. Juan Francisco Petrillo
- Mr. Santiago Tangir

This year, the KIIT Convocation will be held over three days from 3rd - 5th October 2026, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 · kiit@kiit.ac.in · www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ